## ଯୁଯୁମୁରା ବ୍ଲକ ଅଞ୍ଚଳରେ ଟିକାକରଣ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ତଦନୁଯାୟୀ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ପଞ୍ଚାୟତ ଅଫିସରେ ଟିକାକେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ହୋଇଛି। ଜିଲାର ଯୁଯୁମୁରା ବ୍ଲକ ଅଞ୍ଚଳରେ ଜୁନ ୧୦ ଠାରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଟିକାକରଣ ଅଭିଯାନ ଜାରି ରହିବ। ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହି ଟିକାଦାନ କରାଯିବ। ଗୁରୁବାର ୫ଟି ସ୍ଥାନ ଯଥା ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ର, ପଡିଆବାହାଲ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନୂଆଁବରଙ୍ଗମାଲ, କଂସର, କୁକୁଡାପାଲି ପଞ୍ଚାୟତରେ ଟିକାକେନ୍ଦ୍ର ହୋଇଥିଲା। ପର୍ଯ୍ୟାୟକ୍ରମେ ସମସ୍ତ ପଞ୍ଚାୟତ ଓ ଗ୍ରାମରେ ଏହା ଜାରି ରହିବ।

# କୋଭିଡ୍ କଟକଣାରେ ହେବ ଯୁଗଳମୂର୍ତ୍ତି ଦର୍ଶନ

**ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ**

ସମ୍ବଲପୁର,୧୦।୬ (ବ୍ୟୁରୋ)

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଗୁରୁବାର ଝାଡୁଆପଡାସ୍ଥିତ ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ନୀତିକାନ୍ତିରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ହେବ। କୋଭିଡ୍ କଟକଣାରେ ୧୬ ଓ ୧୭ ତାରିଖରେ ଦେବଦମ୍ପତିଙ୍କ ଯୁଗଳମୂର୍ତ୍ତି ଦର୍ଶନ ଲାଗି ବ୍ୟବସ୍ଥା କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଅନ୍ୟପକ୍ଷେ ୪ଶହ ବର୍ଷର ପରମ୍ପରାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ୨୦୧୯ରୁ ସରକାରୀ ଅନୁଦାନ ବନ୍ଦ କରି ଦେଇଛନ୍ତି। ଏହାକୁ ନେଇ କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଚଳିତ ମାସ ୧୫ ତାରିଖ ସୁଦ୍ଧା କମିଟିକୁ ରାଜ୍ୟ ସରକାର ୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ବୈଠକରେ ଦାବି ହୋଇଛି। ପରମ୍ପରାକୁ ବଞ୍ଚାଇବା ଲକ୍ଷ୍ୟ ନେଇ ଯାତ୍ରା କମିଟିଗୁଡିକ ସଞ୍ଚୟ କରିଥିବା ଅର୍ଥରେ ଶିବପାର୍ବତୀଙ୍କ ବିବାହ ଉତ୍ସବ କରୁଛନ୍ତି। କିପରି ଉତ୍ସବ ହେବ ସେ ନେଇ ଜିଲା ପ୍ରଶାସନ କିମ୍ବା ପୋଲିସ ପ୍ରଶାସନ ଆଲୋଚନା କରୁନାହାନ୍ତି। ଯାହାକୁ ନେଇ ଆୟୋଜକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଲୋଚନାରେ ଝାଡୁଆପଡା ଯାତ୍ରା କମିଟିର ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ଅଭିଷେକ ମିଶ୍ର, ସରୋଜ ସାହୁ, ନନ୍ଦପଡାର ଫଣିଭୂଷଣ ମିଶ୍ର, ସମୀର ବାବୁ, ପ୍ରଦ୍ୟୁମ୍ନ ପଣ୍ଡା ଓ ମୁଦିପଡାର ସୁନୀଲ ଦାଶ ଭାଗ ନେଇଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

ସମ୍ବଲପୁର,୧୦।୬ (ବ୍ୟୁରୋ): ସମ୍ବଲପୁର ସଦର ଥାନା ଝାରଗୁଲୁଣ୍ଡା ଗ୍ରାମ ନିକଟ ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ସେ ହେଲେ ଝାରଗୁଲୁଣ୍ଡାର ଉର୍ବଶୀ ନାୟକ (୨୩)। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସରୋଜା ବେହେରା, ସଦର ଥାନାଧିକାରିଣୀ ଜେ. ବେହେରା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଉର୍ବଶୀଙ୍କ ଭାଇ ପ୍ରଦୀପ ଭୋଇଙ୍କ ଅଭିଯୋଗକୁ ନେଇ ସ୍ୱାମୀ ବଳରାମଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବଳରାମ ଓ ଉର୍ବଶୀଙ୍କ ପ୍ରାୟ ଅଢ଼େଇ ବର୍ଷ ହେବ ବିବାହ ହୋଇଥିଲା। ସେମାନେ ଝାରଗୁଲୁଣ୍ଡା ଗ୍ରାମରେ ଏକାଠି ରହୁଥିଲେ। ମେ ୩୦ ତାରିଖରେ ଉର୍ବଶୀ କୁଆଡେ ଚାଲିଯାଇଥିବା ନେଇ ବଳରାମ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତାଙ୍କ ଭଉଣୀଙ୍କୁ ନିର୍ଯାତନା ଦିଆଯାଉଥିବା ପ୍ରଦୀପ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲିପୋଲିସ କହିଛି।

### ଗୋପାଳଜୀ ସଂସ୍କୃତ ସ୍କୁଲରେ ବୃକ୍ଷରୋପଣ

ସମ୍ବଲପୁର,୧୦।୬ (ବ୍ୟୁରୋ): ଗୁରୁବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚନ୍ଦନନଗରସ୍ଥିତ ଗୋପାଳଜୀ ସଂସ୍କୃତ ସ୍କୁଲ ପରିସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ମଦନମୋହନ ହୋତା, ପୂର୍ବତନ ପ୍ରଧାନ ଶିକ୍ଷକ ବିଭୂତିଭୂଷଣ ରଥ, ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ ଏହାକୁ ପରିଚାଳନା କରିଥିଲେ। ମହିଳା ନେତ୍ରୀ ଉଷା ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ମହାପାତ୍ର, ସାଧାରଣ ସମ୍ପାଦକ ଅନୁଜ ଜେନା, ବିନୋଦିନୀ ମେହେର, ମୁନ୍ନି ସାହୁ, ମାଳତି ବିଶ୍ୱକର୍ମା, ବିଜୟଲକ୍ଷ୍ମୀ ପଣ୍ଡା, ରିତା ଜେନା, ସୁଜାତା ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

### ବିପିଏସଡବ୍ଲ୍ୟୁଏ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ

ଝାରସୁଗୁଡ଼ା ଅଫିସ,୧୦।୬: ଝାରସୁଗୁଡା ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକ ସୋସିଆଲ୍ ୱେଲ୍‌ଫେୟାର୍ ଆସୋସିଏଶନ୍ ତରଫରୁ ଗୁରୁବାର ସ୍ଥାନୀୟ ଅସହାୟ ଭିନ୍ନକ୍ଷମ ବୃଦ୍ଧ ଭିକାରୀ ଦାସଙ୍କୁ ଏକ ଟ୍ରାଇସାଇକେଲ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ୍ ଉପସଭାପତି ସନ୍ଦିପ ଅବସ୍ଥୀ, ସମ୍ପାଦକ ତାପସରାୟ ଚୌଧୁରୀ, କୋଷାଧ୍ୟକ୍ଷ ଅରୁଣ ଚଇନି, ଅର୍ଜୁନ ମୋର୍, ଇଫତେଖାର୍ ଇମାମ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଲଖନପୁର ସମିତି ବୈଠକରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୧୦।୬: ଲଖନପୁର ବ୍ଲକ କାର୍ଯ୍ୟାଳୟରେ ବୁଧବାର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ପୌରୋହିତ୍ୟରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ସଭ୍ୟ ସାମଲ ନାୟକ, ପଙ୍କଜିନୀ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ସୁଦାମ ପ୍ରଧାନ, ବିଡିଓ ସଞ୍ଜୀବ ପଟେଲ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ସିଏସ୍‌ଓ ଉମେଶ ଚନ୍ଦ୍ର ସ୍ୱାଇଁ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠନାଥ କୈଶ୍ୟପ, ଏବିଡିଓ ଜି.କେ. ମିଶ୍ର, ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର, ସରପଞ୍ଚ ପ୍ରଦୀପ ବିଶ୍ୱାଳ, ସମିତିସଭ୍ୟା ସାବିତ୍ରୀ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରବି ଧାନ ବିକ୍ରି, ଖରିଫ ଋଣ, ସାଧାରଣ ବଣ୍ଟନ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, କରୋନା ଟିକା ପ୍ରଦାନ, ଆଇସିଡିଏସ୍ ଶିଶୁ ପ୍ରକଳ୍ପ, ଚତୁର୍ଦ୍ଦଶ, ପଞ୍ଚଦଶ ଯୋଜନାର ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ ଆଦି ଉପରେ ଆଲୋଚନା ହୋଇଥିଲା।

# ୨୦୪୦ ସୁଦ୍ଧା ୧୪ ଲକ୍ଷ ବିଦ୍ୟାର୍ଥୀ ଲକ୍ଷ୍ୟ

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ**



ଭର୍ଚୁଆଲରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର,୧୦।୬ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ୬ଠମ ପ୍ରତିଷ୍ଠା ଦିବସ ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ୫୨୫ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କାୟାକଳ୍ପ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୩୪ ହଜାର ବିଦ୍ୟାର୍ଥୀ ନାମ ଲେଖାଇ ସାରିଛନ୍ତି। ୨୦୪୦ ମସିହା ସୁଦ୍ଧା ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ସଂଖ୍ୟା ୧୪ ଲକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କୁଳପତି ପ୍ରଫେସର ମହାପାତ୍ର ସୂଚନା ଦେଇଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର। ଏହି ଅନୁଷ୍ଠାନ ଘରକୁ ଘର ଶିକ୍ଷା ଯୋଗାଇବାରେ ସଫଳତା ହାସଲ କରିଛି। ଆଗକୁ ଏହି ଧାରା ଜାରି ରହିବ। ମହାରାଷ୍ଟ୍ର ଯଶବନ୍ତ ରାଓ ଚଭନ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇ. ବାୟୁନନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁକ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାରାଷ୍ଟ୍ର ଯଶବନ୍ତ ରାଓ ଚଭନ ମୁକ୍ତ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ ନେତାଜୀ ସୁଭାଷ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ନୂଆଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ ସହ ତିନୋଟି ଏମ୍‌ଓୟୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ୱାକ୍ଷର କରିଛି। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ମାନସରଞ୍ଜନ ପୂଜାରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିତ୍ତ ନିୟନ୍ତ୍ରକ ନଳିନୀରଞ୍ଜନ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଗୌଣ୍ଡ ସମାଜର ୨୦ ଲକ୍ଷ ଚାରା ରୋପଣ ଲକ୍ଷ୍ୟ

ବ୍ରଜରାଜନଗର, ୧୦।୬ (ଡି.ଏନ.ଏ.)

ଅଖିଳ ଭାରତୀୟ ଗୌଣ୍ଡ ମହାସଭା ଓଡିଶା ପ୍ରଦେଶର ସାଧାରଣ ଅଧିବେଶନ ସଭାପତି ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ବନ ମହୋତ୍ସବ ଅବସରରେ ରାଜ୍ୟ ଗୌଣ୍ଡ ମହାସଭା ୨୦ ଲକ୍ଷ୍ୟ ଚାରା ରୋପଣ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଓଡିଶାର ପ୍ରାୟ ୪ ଲକ୍ଷ ଗୌଣ୍ଡ ପରିବାରକୁ ଏଥିପାଇଁ ସଚେତନ କରାଯିବ ଓ ପ୍ରତି ପରିବାର ସର୍ବନିମ୍ନ ୫ ଗୋଟି ଚାରାରୋପଣ କରି ୩ବର୍ଷ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବେ। ଚାରା ଯୋଗାଣ ପାଇଁ ସରକାରଙ୍କୁ ଆବେଦନ କରାଯାଇଥିବା ସଭାପତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୩ ଓ ୪ ତାରିଖରେ କରାଯିବ ବୋଲି ସମାଜ ପକ୍ଷରୁ ସ୍ଥିର କରାଯାଇଛି। ଏହି ସମୟରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ନେଇ ପର୍ଯ୍ୟାବରଣ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବ। ମହାସଭାର ବାର୍ଷିକ ଦିବସ ଜୁନ ୨୧ ଓ ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ଜୁନ ୨୪ ତାରିଖରେ ରାଜ୍ୟରେ ୮ ଗୋଟି ବଡଦେଓ ପାଠାଗାର ଉନ୍ମୋଚନ କରାଯିବ। ଅଧିବେଶନରେ ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତିବାଳା ନାଏକ, ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ମହାସଚିବ ପ୍ୟାରିମୋହନ ନାଏକ, ବଲାଙ୍ଗୀରରୁ ଡମ୍ବରୁଧର ନାଏକ, ଝାରସୁଗୁଡ଼ାରୁ ପ୍ରସନ୍ନ ମାଝି, ନୂଆପଡାରୁ ଭାଗୀରଥି ସିଂ, ବରଗଡରୁ ଶିବ ପ୍ରସାଦ ଗଡନାଏକ, କଟକରୁ ମହେନ୍ଦ୍ର ନାଏକ, ନୟାଗଡରୁ ପ୍ରେମାନନ୍ଦ ନାଏକ, ଖୋର୍ଦ୍ଧାରୁ ଗୋବିନ୍ଦ ଭୋଇ, ସୁନ୍ଦରଗଡରୁ ବିରାଜ ଭୋଇ, ସୋନପୁରରୁ ପଦ୍ମନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଦିବାସୀ ଯୁବ ସାମ୍ମୁଖ୍ୟ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ

ଲହୁଣୀପଡା, ୧୦।୬(ଡି.ଏନ.ଏ)


ଶହୀଦ ଦିବସରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ଼ ଜିଲା ରାଜାମୁଣ୍ଡା ବାଇପାସ ସ୍ଥିତ ହୋ ସମାଜ ସଭାଗୃହଠାରେ ଆଦିବାସୀ ଯୁବ ସାମ୍ମୁଖ୍ୟ ପକ୍ଷରୁ ବୁଧବାର ମହାନ ଆଦିବାସୀ ନେତା ତଥା ଯୁବ କ୍ରାନ୍ତିକାରୀ ବୀର ବିର୍ସା ମୁଣ୍ଡାଙ୍କ ୧୨୧ତମ ଶହିଦ ଦିବସ କୋଭିଡ୍ ନିୟମ ଅନୁସାରେ ଅତି ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି। ଏଥିରେ ତ୍ରିଲୋଚନ ମାଝି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାକୁଳ, ମୁଖ୍ୟବକ୍ତା ଭାବେ ସାହିତ୍ୟ ଗୌରବ ତଥା ଆଦିବାସୀ ଭାଷା ସଂସ୍କୃତି ଗବେଷକ ରୁଦ୍ର ଚରଣ ମାଝି, ସମ୍ମାନିତ ଅତିଥି ଭାବେ ଚାମରୁ ମୁଣ୍ଡା, ହରେନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ପ୍ରଥମେ ଉପସ୍ଥିତ ଅତିଥିମାନେ ବୀର ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଧୂପ ଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ ଅତିଥି ଓ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରି କହିଥିଲେ ଯେ, ପରସ୍ପର ମଧ୍ୟରେ ସମନ୍ୱୟର ଅଭାବ ରହିଲେ ବିପଦ ଚାରିଆଡୁ ମାଡି ଆସେ ଏବଂ ଏକ ସଭ୍ୟତା ତଥା ସଂସ୍କୃତିକୁ ବିପଦମୁଖକୁ ନେଇ ଆସେ। ମୁଖ୍ୟଅତିଥି ମହାକୁଳ ତାଙ୍କ ବକ୍ତବ୍ୟରେ କହିଲେ, ଆଦିବାସୀମାନେ ପ୍ରକୃତିକୁ ଭଲ ପାଇବା ସଙ୍ଗେ ସଙ୍ଗେ ସଂଘବଦ୍ଧ ଭାବରେ ରହିବାକୁ ଭଲ ପାଆନ୍ତି। ମୁଖ୍ୟବକ୍ତା ମାଝି ବିର୍ସା ମୁଣ୍ଡାଙ୍କ ପାଠ ପଢ଼ିବା ସମୟରେ ସେ ସମ୍ମୁଖିନ ହୋଇଥିବା ବିଭିନ୍ନ ସାମାଜିକ ସମସ୍ୟାକୁ ଖାତିର ନ କରି ତତ୍କାଳୀନ ବ୍ରିଟିଶ ଶାସନକୁ ବିରୋଧ କରିଥିଲେ। ନିଜର ସ୍ୱଳ୍ପ ଜୀବନ କାଳ ମାତ୍ର ୨୫ ବର୍ଷରେ ନିଜ ଜୀବନକୁ ସମାଜ ପାଇଁ ବଳିଦାନ ଦେଇ ଯାଇଥିଲେ। ଏହି ସଭା କାର୍ଯ୍ୟକୁ ଭୀମସେନ ମୁଣ୍ଡା, ବିରସିଙ୍ଗ ମୁଣ୍ଡା, ଚନ୍ଦରୁ ମୁଣ୍ଡା, ରୁଦ୍ର ମୁଣ୍ଡା, ବାବୁ ମୁଣ୍ଡା, କାନ୍ଦେ ମୁଣ୍ଡା, ଗଣେଶ ମାଝୀ ପ୍ରମୁଖ ପରିଚାଳନା କରିଥିଲେ। ସଭା ଶେଷରେ ବୁଦ୍ଧଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକନେତା ବନମାଳୀ ଧୂପାଳଙ୍କ ବିୟୋଗ

ରାଉରକେଲା ଅଫିସ, ୧୦।୬: ସୁନ୍ଦରଗଡ ଜିଲା ଶ୍ରମିକ ଆନ୍ଦୋଳନର ବେସାଲିସ ନେତା, ବରିଷ୍ଠ ଶ୍ରମିକ ନେତା, ସିପିଆଇ(ଏମ) ସୁନ୍ଦରଗଡ ଜିଲା କମିଟିର ତିନି ତିନି ଥର ସମ୍ପାଦକ, ପାର୍ଟିର ରାଜ୍ୟ କମିଟି ସଦସ୍ୟ, ସିଟୁର ପୂର୍ବତନ ରାଜ୍ୟ ଉପସଭାପତି ଓ ଜେନେରାଲ କାଉନସିଲ ସଭ୍ୟ ବନମାଳୀ ଧୂପାଳଙ୍କ ବୁଧବାର ରାତି ୯ଟା ୪୦ରେ ୭୨ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ଲିଭର କ୍ୟାନସର ରୋଗରେ ପୀଡିତ ହୋଇଥିଲେ। ଗୁରୁବାର ସିପିଆଇ(ଏମ) ସୁନ୍ଦରଗଡ ଜିଲା କମିଟିର ଏକ ଜରୁରୀ ବୈଠକ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇ ବନମାଳୀ ଧୂପାଳଙ୍କ ଉଦ୍ଦେଶ୍ୟରେ ଶୋକପାଳନ ସହ ସମସ୍ତ ଦଳୀୟ କାର୍ଯ୍ୟାଳୟରେ ତାଙ୍କ ସମ୍ମାନ ନିମନ୍ତେ ଦଳୀୟ ପତାକା ଅର୍ଦ୍ଧନମିତ କରାଯାଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବନମାଳୀ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସୁନ୍ଦରଗଡ ଜିଲାକୁ ନିଜର କର୍ମମୟ ଜୀବନ ହିସାବରେ ବାଛି ନେଇଥିଲେ।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା ଅଫିସ,୧୦।୬

ଶିକ୍ଷା ବିକାଶ ସମିତି ତରଫରୁ ପ୍ରତ୍ୟେକ ଶିକ୍ଷାବର୍ଷ ପ୍ରାରମ୍ଭରେ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥାଏ। ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୧-୨୨ର ଏହି ପ୍ରଶିକ୍ଷଣ ଶିବିରକୁ ବିଦ୍ୟାଭାରତୀ ସହ ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଅନ୍‌ଲାଇନ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଗତ ୧ତାରିଖରୁ ଶିବିର ଆରମ୍ଭ ହୋଇ ୧ସପ୍ତାହ ଧରି ଚାଲିଥିଲା। ଗତ ବୁଧବାରଠାରୁ ଇ-କଣ୍ଟେଣ୍ଟ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଏଥିରେ ଅନ୍‌ଲାଇନ୍ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷାଦାନ ପାଇଁ ସହାୟକ ହେଉଥିବା ୧୩ ମୋବାଇଲ୍ ଆପ୍ଲିକେଶନ ସମ୍ପର୍କରେ ଗୁରୁମାଗୁରୁଜୀଙ୍କୁ ବୁଝାଯାଇଥିଲା। ବ୍ରଜରାଜନଗର ସଙ୍କୁଳର ୯ ଶିଶୁମନ୍ଦିରକୁ ୨ଭାଗରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରକୁ ବନ୍ଧବାହାଲ ଶିଶୁମନ୍ଦିର ସଂଯୋଜକ ଭବାନୀ ଶଙ୍କର ରଣା ଓ ସହ ସଂଯୋଜକ ରାକେଶ କୁମାର ପଣ୍ଡା ସଂଯୋଜନା କରିଥିଲେ। ପଶ୍ଚିମ ସମ୍ଭାଗ ସହସଂଯୋଜକ ପ୍ରଦୀପ କୁମାର ମିଶ୍ର, ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ କୁମାର ଦାସ, ସଙ୍କୁଳ ସଂଯୋଜକ ନିତ୍ୟାନନ୍ଦ ଖମାରୀ ଓ ଯୋଗେଶ ପ୍ରଧାନ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଜିତେନ୍ଦ୍ର ପ୍ରଧାନ, ବୀଣାପାଣି ଧୁରୁଆ, ସଞ୍ଜୁକ୍ତା ଖମାରୀ, ସସ୍ମିତା ଭଇଁସାଲ, ଅରୁଣ କୁମାର ସାହୁ, ସୋନିଆ ପ୍ରଧାନ, ଭରତ ସାହୁ, ସନ୍ଧ୍ୟାରାଣି ଓଝା, ଯୋଗେନ୍ଦ୍ର ଠାକୁର, ଯୁଧିଷ୍ଠିର ସାହୁ ଓ ଜୟକୃଷ୍ଣ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

## ଲକ୍‌ଡାଉନରେ ସୁନ୍ଦରଗଡ଼ ଫେରିଲେ ୮୦୦ ପ୍ରବାସୀ ଶ୍ରମିକ

ସୁନ୍ଦରଗଡ଼,୧୦।୬(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଲହର ପରେ ହୋଇଥିବା ଲକ୍‌ଡାଉନ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ଼ ଜିଲାକୁ ୮୦୦ ପ୍ରବାସୀ ଶ୍ରମିକ ଫେରିଛନ୍ତି। ସେଥିମଧ୍ୟରୁ ହେମଗିର ବ୍ଲକର ୧୨, ଲେଫ୍ରିପଡା ବ୍ଲକର ୧୦୦, ଟାଙ୍ଗରପାଲି ବ୍ଲକର ୧୧୧, ସଦର ବ୍ଲକର ୫୭, ସବ୍‌ଡେଗା ବ୍ଲକର ୧୭୮, ବାଲିଶଙ୍କରା ବ୍ଲକର ୧୩୦, ବଡ଼ଗାଁ ବ୍ଲକର ୬୦, କୁତ୍ରା ବ୍ଲକର ୧୫, ରାଜଗାଙ୍ଗପୁର ବ୍ଲକର ୨୯, କୁଆରମୁଣ୍ଡା ବ୍ଲକର ୧୯, ନୂଆଗାଁ ବ୍ଲକର ୨୬, ବିଶ୍ରା ବ୍ଲକର ୭, ଲାଠିକଟା ବ୍ଲକର ୪, ଗୁରୁଣ୍ଡିଆ ବ୍ଲକ ୮, କୋଇଡା ବ୍ଲକର ୪, ସୁନ୍ଦରଗଡ ପୌରାଞ୍ଚଳର ୭ ଓ ରାଜଗାଙ୍ଗପୁର ପୌରାଞ୍ଚଳର ୩୩ ପ୍ରବାସୀ ଶ୍ରମିକ ବିଭିନ୍ନ ରାଜ୍ୟରେ କାମ କରିବାକୁ ଯାଇ ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଆ ଫେରନ୍ତା ଶ୍ରମିକ ୬୯୦ ଜଣ ରହିଛନ୍ତି। ବାହାର ରାଜ୍ୟରୁ ଫେରିବା ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକରେ ହୋଇଥିବା ଟିଏମ୍‌ସିଗୁଡିକରେ ସେମାନଙ୍କୁ ରଖାଯାଇ ଥିଲା। ଅବଧି ପୂରଣ ପରେ ସେମାନେ ଘରକୁ ଫେରି ଛନ୍ତି। ରାଉରକେଲା ସହର ତଥ୍ୟ ହସ୍ତଗତ ହୋଇ ପାରିନାହିଁ।

# ଡିଜେଲ, ମୋବିଲ ଜବତ ଘଟଣାରେ ୪ ଗିରଫ


ଗିରଫ ହୋଇଥିବା ୪ ଅଭିଯୁକ୍ତ।

ଝାରସୁଗୁଡ଼ା ଅଫିସ,୧୦।୬

ଲଖନପୁର ଥାନା ପୋଲିସ ବୁଧବାର ଚୋରା ଡିଜେଲ୍ ଓ ମୋବିଲ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ କୁଡାଲୋଇର ବାପ ଶଙ୍କର ଅଗ୍ରୱାଲ ଓ ପୁଅ ପିୟୁଷ ଅଗ୍ରୱାଲଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ପୋଲିସ ଆଉ ୨ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ବାଗ୍(୩୭) ଓ ଲଳିତ ସା(୩୪)ଙ୍କୁ ଗିରଫ କରିଛି। ସମସ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଝାରସୁଗୁଡ଼ା କୋର୍ଟ ଚାଲାଣ କରିଛି। ଏ ନେଇ ଥାନା କେସ୍ (ନଂ.୧୦୧/୨୧)ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ କୃଷ୍ଣଚନ୍ଦ୍ର ଓ ଲଳିତ କୋଇଲା ଖଣି ଅଞ୍ଚଳରେ ବ୍ୟବହୃତ ବିଭିନ୍ନ ମେଶିନ୍‌ରୁ ଡିଜେଲ୍ ଓ ମୋବିଲ୍ ଚୋରିକରି ଶଙ୍କର ଆଗ୍ରୱାଲଙ୍କୁ ବିକ୍ରି କରିଥାନ୍ତି। ଏହାସହ ୪୯ନଂ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଯାନବାହନରୁ ଡିଜେଲ୍ ଓ ମୋବିଲ୍ ଚୋରିକରି ଏଠାରେ ବିକ୍ରି କରିଥାନ୍ତି। ସେମାନେ କୋଟି କୋଟି ଟଙ୍କାର ଚୋରା ବ୍ୟବସାୟ ଚଳାଇଆସୁଥିଲେ। ସ୍ଥାନୀୟ ପୋଲିସ କିପରି ଜାଣିପାରି ନ ଥିଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ପାଇଁ ଦାବି ହେଉଛି।

# ଆନ୍ତର୍ଜାତିକ ରେଳ ଫାଟକ ସଚେତନତା ଦିବସ


ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

ସମ୍ବଲପୁର,୧୦।୬ (ବ୍ୟୁରୋ)

ଆନ୍ତର୍ଜାତିକ ରେଳ ଫାଟକ ସଚେତନତା ଦିବସ ଗୁରୁବାର ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ପାଳିତ ହୋଇଯାଇଛି। ସଡକ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସକାଶେ ବିଭିନ୍ନ ରେଳ ଫାଟକ, ପେଟ୍ରୋଲ ପମ୍ପ, ସାପ୍ତାହିକ ବଜାର, ରେଳ ଫାଟକ ନିକଟ ଗାଁଗୁଡିକରେ ନିରାପତ୍ତା ସମ୍ପର୍କିତ ସଚେତନତା କରାଯାଇଥିଲା। ଏଥିସହ ପୋଷ୍ଟର, ଲିଫ୍‌ଲେଟ୍, ଷ୍ଟିକର୍ ବଣ୍ଟାଯାଇଥିଲା। ଏଥିରେ ସମ୍ବଲପୁର ମଣ୍ଡଳ ନିରାପତ୍ତା ବିଭାଗର କର୍ମଚାରୀ, ରେଳବାଇ ସୁରକ୍ଷା ବଳ ସାମିଲ ଥିଲେ। ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସଞ୍ଜୟ କୁମାର ରେଳ ଫାଟକଠାରେ ନିରାପତ୍ତା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ବିଷୟରେ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ନିରାପତ୍ତା ନିୟମ ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ: ୩ ଗିରଫ

ବଡଗାଁ, ୧୦।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଖୁରାପାଲି ଗ୍ରାମର ଏକ ସ୍ଥାନରେ ଜୁଆ ଆଡ୍ଡା ଚାଲିଥିବା ସୂଚନାକ୍ରମେ ଥାନା ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ କାର ନଂ. ଓଡି ୧୬ ସି- ୬୩୪୫, ୩ଟି ବାଇକ ଜବତ କରିଛି। ଏହି ଗ୍ରାମରେ ମଙ୍ଗଳବାର ରାତି ସାଢ଼େ ୯ଟା ବେଳେ ଜୁଆ ଖେଳ ଚାଲିଥିବା ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲେ। କେତେକ ଜୁଆଡି ଦୌଡି ପଳାଇଥିଲାବେଳେ ରାଜଗାଙ୍ଗପୁରର ଅଜୟ କେଶରୀ, ବନ୍ଦପାଲି ବାଣ୍ଟୁପଡାର ବିନୋଦ ମାଝୀ ଓ କୁତ୍ରାର ବିଜୟ ଖେସଙ୍କୁ ପୋଲିସ ଘଟଣା ସ୍ଥଳରେ ଧରିଥିଲେ। ଜୁଆ ଆଡ୍ଡାରୁ ୧୫ ହଜାର ଟଙ୍କା, ତାସ ମଧ୍ୟ ପୋଲିସ ଜବତ କରିଛି।


சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SVPITM
**SARDAR VALLABHBHAI PATEL**
**International School of Textiles & Management**
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
**ADMISSION 2021 - 22.** Applications Are Invited For SVP Entrance Test
**B.Sc.** • Textiles
**MBA** • Textile / Apparel / Retail
Applications are also open
**12 Weeks Online Short-term Certificate Courses In Medical Textile Management & Non-woven Textile Management** for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675 98438 14145
For short-term course details call 90036 45543

Visit www.svpistm.ac.in E-mail : admission@svpitm.ac.in



**OFFICE OF THE PRINCIPAL**
**GOVT. COLLEGE (AUTO), ANGUL**
**QUOTATION**
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
**Sd./- Principal**



**OFFICE OF THE REGULATED MARKET COMMITTEE, JAGATSINGHPUR**
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
**E-PROCUREMENT (INVITATION FOR BID)**
**TENDER CALL NOTICE No. 392 / Dt.09.06.2021**
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website **www.tenderorissa.gov.in** from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
**Sd./- Sub Collector-cum-Chairman**
**RMC, Jagatsinghpur**

## ମଦଭାଟି ଆଗରେ ମୃତଦେହ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବହିରା ଗ୍ରାମପଞ୍ଚାୟତ ସଦେଇପୁର ଗ୍ରାମରେ ଥିବା ଏକ ଦେଶୀ ମଦଭାଟି ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ସନ୍ଧ୍ୟା ୭ଟାରୁ ପଡିରହିଥିବା ଦେଖିବାକୁ ମିଳିଛି । ମୃତ ଯୁବକ ହେଲେ ସଦେଇପୁର ଗ୍ରାମର ଅଇଁଠୁ ବେହେରା (୪୫)। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅଇଁଠୁ ମଦଭାଟିକୁ ଯାଇ ମଦ ପିଇବା ପରେ ଭାଟି ସମ୍ମୁଖରେ ପଡିଯାଇଥିଲେ। ରାତି ପର୍ଯ୍ୟନ୍ତ ସେଠାରୁ ନ ଉଠିବାରୁ ଭାଟିର କର୍ମଚାରୀ ଓ କିଛି ଗ୍ରାହକ ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏ ନେଇ ତୁରନ୍ତ ବାଉଁଶୁଣୀ ପୋଲିସକୁ ଖବର ଦିଆଯାଇଥିଲା। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା (ଗୁରୁବାର ଅପରାହ୍ନ ସାଢେ ୬ଟା) ମୃତଦେହ ଘଟଣାସ୍ଥଳରେ ପଡିରହିଥିଲା।

**ସଂକ୍ଷେପରେ**

## ଗ୍ରାହକ ପଞ୍ଚାୟତ ମହିଳା ଶାଖାର ବୈଠକ

**ବଲାଙ୍ଗୀର ଅଫିସ, ୧୦।୬:** ନବଗଠିତ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ମହିଳା ଶାଖାର ପ୍ରଥମ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବକ୍ଷେତ୍ର ମହାମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ସମାଜ ଗଠନରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କର ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାଜ୍ୟ ମହିଳା ପ୍ରମୁଖ ତଥା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଜୟଶ୍ରୀ ମଲ୍ଲିକ ଯୋଗଦେଇ ଗ୍ରାହକ ପଞ୍ଚାୟତର ମହିଳାମାନଙ୍କର କାର୍ଯ୍ୟ ଓ ତାଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ରଞ୍ଜିତା ମିଶ୍ର ପରିଚାଳନା କରିଥିଲେ। ସଭା ଆରମ୍ଭରେ ମାଳତି ଉଦ୍‌ଗାତା ସଙ୍ଗଠନ ମନ୍ତ୍ରପାଠ କରିଥିଲେ। ଏହି ବୈଠକରେ ରାଉରକେଲାର ସରିତା ପଣ୍ଡା, ସିଲି ମହାନ୍ତି, ସୁନ୍ଦରଗଡ଼ର ମୀନାକ୍ଷୀ ନାଏକ, ଆଡ୍‌ଭୋକେଟ ମଞ୍ଜୁ ପଟେଲ, ଧମାଲି ପଟେଲ, ଭବାନୀପାଟଣାର ଦମୟନ୍ତୀ ପଣ୍ଡା, ବଲାଙ୍ଗୀର ସଦସ୍ୟା ମଞ୍ଜୁଳା ମିଶ୍ର, ମୃଣ୍ମୟୀ ମିଶ୍ର, ନୀହାରିକା ମିଶ୍ର, ପଦ୍ମଜା ବହିଦାର, ପୁଷ୍ପା ପାଣି, ସବିତାଞ୍ଜଳି ଉଦ୍‌ଗାତା ଯୋଗ ଦେଇଥିଲେ ।

## ଶ୍ରମିକ ନେତାଙ୍କ ବିୟୋଗରେ ଲହୁଣୀପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଶୋକସଭା



**ଲହୁଣୀପଡା, ୧୦।୬ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ସ୍ଥିତ ସିପିଆଇ(ଏମ) କାର୍ଯ୍ୟାଳୟ ପରିସରଠାରେ ସ୍ୱର୍ଗତ ବନମାଳୀ ଧୁପାଳଙ୍କ ଦେହାନ୍ତ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସିପିଆଇ(ଏମ) ଆଞ୍ଚଳିକ କମିଟି ସମ୍ପାଦକ ଲାଲବାହାଦୂର ମାହାନ୍ତଙ୍କ ସଭାପତିତ୍ୱରେ ଏକ ଶୋକସଭା ଆୟୋଜିତ କରାଯାଇଥିଲା। ଅମରାତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଏହି ଶୋକସଭାରେ ଗଗନବିହାରୀ ରାଉତ, ପ୍ରଦୀପ ବେହେରା, ଡିଲେଶ୍ୱର ବେହେରା, ନିରଞ୍ଜନ ଦାସ, ବିନୋଦ ମାହାନ୍ତ, ବାବୁରାମ ମାହାନ୍ତ, ଶଙ୍କର କିଷାନ, କୁସୁ ଜୟସ୍ୱାଲ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା କର୍ମୀ ଉପସ୍ଥିତ ଥିବା ଜଣାପଡିଛି। ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟାଗାଁ ସ୍ଥିତ ସିପିଆଇ(ଏମ) କାର୍ଯ୍ୟାଳୟ ପରିସରଠାରେ ଗୁରୁବାର ସାମୂହିକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ(ଏମ) ଆଞ୍ଚଳିକ କମିଟି ସମ୍ପାଦକ ସମୀର କୁମାର ନାଏକ ଓ ମନୋଜ ବେହେରା ଆବାହକତ୍ୱରେ ଏହା ଆୟୋଜିତ କରାଯାଇଥିଲା। ଏହି ଶୋକସଭାରେ ମନୋରଞ୍ଜନ ପ୍ରଧାନ, ହେମନ୍ତ ମହାକୁଡ, ରମେଶ ବସନ୍ତରା, ବାଣେଶ୍ୱର ମହାନ୍ତି, ସୁଶାନ୍ତ ସିଂ, ଭୋଳେଶ୍ୱର ମହାପାତ୍ର, ଧୃରେନ ସିଂ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।





ବର୍ଷାରେ ନଷ୍ଟ ହୋଇଥିବା ଡାଲୁଅ ଧାନ ଓ ଚିନାବାଦାମ ଚାଷକୁ ଚାଷୀମାନେ ଦେଖୁଛନ୍ତି।

# ଡାଲୁଅ ଧାନ, ଚିନାବାଦାମ ଚାଷ ନଷ୍ଟ

**ଲେଫ୍ରିପଡ଼ା, ୧୦।୬(ଡି.ଏନ୍.ଏ.)**

**ବର୍ଷା ଧୋଇଦେଲା ଚାଷୀଙ୍କ ଆଶା**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅଞ୍ଚଳରେ ବର୍ଷା ଯୋଗୁ ଡାଲୁଅ ଧାନ ଚାଷ ଓ ଚିନାବାଦାମ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଲେଫ୍ରିପଡା ବ୍ଲକ୍ ସରପଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ ଅଧୀନରେ ଗିରିଙ୍ଗକେଲା ପଞ୍ଚାୟତର ସାଲେଟିକ୍ରା, ବୈରାଗୀବାହାଲ, ଚକରଧରପୁର, ପଟୁଆଡିହି, କରାଡ଼େଗା ଇତ୍ୟାଦି ଗ୍ରାମର ଚାଷୀମାନେ ଶହଶହ ଏକର ଡାଲୁଅ ଧାନ ଚାଷ ଏବଂ ଚିନାବାଦାମ କରିଥିଲେ। ବର୍ତ୍ତମାନ ଚାଷୀଙ୍କ ଅମଳ ସମୟ ହୋଇଥିବାବେଳେ ଅଦିନିଆ ବର୍ଷା ଚାଷୀଙ୍କ ଆଶା ଭରଷାକୁ ଧୋଇ ଦେଇଛି। ଚାଷୀଙ୍କ କଟା ହୋଇଥିବା ଧାନ ବିଲରେ ପଡିରହିଥିବା ବେଳେ ଧାନ ସବୁ ଗଜାହୋଇ ନଷ୍ଟ ହେବାର ଦେଖାଦେଇଛି। ଅନ୍ୟ ପକ୍ଷରେ ଶହଶହ ଏକର ଚିନାବାଦାମ ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଚିନାବାଦାମ ଅମଳ କରି ରଖିଥିବାବେଳେ ବର୍ଷାରେ ସେଗୁଡ଼ିକ ମଧ୍ୟ ଗଜା ହୋଇଯାଇଛି। ଗୋଟିଏ ପଟେ ମହାମାରୀ କରୋନା ଯୋଗୁ ଜନସାଧାରଣଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ଚାଷୀମାନେ ଚାଷକରି କିଛି ଲାଭ ପାଇବା ଆଶା କରିଥିଲେ। ଅଦିନିଆ ବର୍ଷା ଅଞ୍ଚଳର ଚାଷ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ଉଜାଡ଼ି ଦେଇଛି। ଚାଷୀ ଲାଭ କରିବା ତ ଦୂରର କଥା ମୂଳ ପାଇବା ମଧ୍ୟ କାଠିକର ହୋଇପଡ଼ିଛି। ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଉଜାଡି ଦେଇଛି। ଚାଷୀମାନେ ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ଜିଲା ପ୍ରଶାସନ ଚାଷୀଙ୍କ ଉଜୁଡି ଥିବା ଫସଲ ଉପରେ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଇଡ୍‌କୋ ପକ୍ଷରୁ ସରକାରୀ ଜମି ଅଧିଗ୍ରହଣ ପ୍ରୟାସ

**କୁଆଁରମୁଣ୍ଡା,୧୦।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଝାରବେଡ଼ା ପଞ୍ଚାୟତର ରିଉଁ ଅଞ୍ଚଳରେ ଥିବା ପ୍ରାୟ ଶହେ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଓଡିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲ୍‌ପମେଣ୍ଟ (ଇଡକୋ) କର୍ପୋରେସନ ନିଜ ହାତକୁ ନେବାକୁ ଯୋଜନା କରିଛି। ଏଥିପାଇଁ ଇଡ୍‌କୋ ଅଧିକାରୀ, ପାନପୋଷ ଉପଜିଲାପାଳ, କୁଆଁରମୁଣ୍ଡା ତହସିଲଦାର, ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ରବିବାର ରିଉଁ ଅଞ୍ଚଳକୁ ଯାଇଥିଲେ। ହେଲେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଜମି ଅଧିଗ୍ରହଣ ସମ୍ଭବ ହୋଇପାରି ନ ଥିଲା। ହେଲେ ପୁଣି ୪ଦିନ ପରେ ଅର୍ଥାତ ଗୁରୁବାର ଇଡ୍‌କୋ ଅଧିକାରୀ, ପାନପୋଷ ଉପଜିଲାପାଳ, ବୀରମିତ୍ରପୁର ଏସ୍‌ଡିପିଓ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ସରକାରୀ ଜମି ଅଧିଗ୍ରହଣ ସମ୍ପର୍କରେ ଅବଗତ କରିଛନ୍ତି। ଇଡ଼କୋ ପକ୍ଷରୁ ସରକାରୀ ଜମି ଅଧିଗ୍ରହଣ ହେଲା ପରେ ଉକ୍ତ ଅଞ୍ଚଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ। ବିଶେଷକରି ଉକ୍ତ ସରକାରୀ ଜମିକୁ ଲଘୁ ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ବଣ୍ଟନ କରିବା ସହ ଉକ୍ତ ଅଞ୍ଚଳରେ ଶିଳ୍ପ ଭିତ୍ତିଭୂମି ସୃଷ୍ଟି ହୋଇପାରିବ। ଫଳରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀ, ଯୁବକ ଉକ୍ତ ଶିଳ୍ପସଂସ୍ଥାରେ କର୍ମ ସଂସ୍ଥାନର ସୁଯୋଗ ପାଇପାରିବେ। ଫଳରେ ସେମାନଙ୍କର ଆର୍ଥିକ ପ୍ରଗତି ଘଟିବା ସହ ଅଞ୍ଚଳର ମଧ୍ୟ ବିଶେଷଭାବେ ଉନ୍ନତି ହୋଇପାରିବ। ଏହି ଲକ୍ଷ୍ୟରେ ଇଡ୍‌କୋ ଉକ୍ତ ଅଞ୍ଚଳରେ ଜମି ଅଧିଗ୍ରହଣ କରିବା ପାଇଁ ପ୍ରୟାସ କରୁଛି। ରିଉଁ ଅଞ୍ଚଳଟି ରାଉରକେଲା ସହର ପାର୍ଶ୍ୱବର୍ତ୍ତୀ କୋଏଲ ନଦୀର ବିପରୀତ ପାର୍ଶ୍ୱରେ ଅବସ୍ଥିତ। ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ରାଉରକେଲା ସହରରେ ଆଉ ସରକାରୀ ଜାଗା ନ ଥିବାରୁ ଉକ୍ତ ଅଞ୍ଚଳଟି ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଶିଳ୍ପଦୌଗୀମାନେ ନିଶ୍ଚିତଭାବେ ରିଉଁ ଅଞ୍ଚଳକୁ ଉପଯୁକ୍ତ ସ୍ଥାନ ବାଛିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ହେଲେ ରିଉଁ ଅଞ୍ଚଳର କିଛି ଗ୍ରାମବାସୀ ଯେଉଁମାନେ କି ଉକ୍ତ ସରକାରୀ ଜାଗାକୁ ଜବରଦଖଲ କରି ନିଜ କବଜାରେ ରଖିଛନ୍ତି ସେମାନେ ଉକ୍ତ ଜବରଦଖଲରୁ ସ୍ୱଇଚ୍ଛାରେ ହଟିଯିବା ପାଇଁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି ବୋଲି ବୀରମିତ୍ରପୁର ଏସଡିପିଓ ମାନସ ରଞ୍ଜନ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି।

# ରାଜ୍ୟ ସରକାର ତୁରନ୍ତ ଜମି ଯୋଗାଇ ଦିଅନ୍ତୁ

**ଦେବଗଡ଼,୧୦।୬(ଡି.ଏନ.ଏ)**

**ତାଳଚେର-ବିମଳାଗଡ ରେଳପଥ**

ତାଳଚେର– ବିମଳାଗଡ ରେଳପଥ ପାଇଁ ରାଜ୍ୟ ସରକାର ତୁରନ୍ତ ଜମି ଯୋଗାଇ ଦିଅନ୍ତୁ ବୋଲି ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ ଦାବି କରିଛନ୍ତି। ୨୦୨୧–୨୨ ଲୋକସଭା ଅଧିବେଶନ କାଳରେ ଗତ ମାର୍ଚ୍ଚ ୧୫ ଓ ୧୬ ତାରିଖ ରେଳ ବଜେଟ ସମ୍ବନ୍ଧୀୟ ଦାବି ଆଲୋଚନା ଚାଲିଥିବା ସମୟରେ ସମ୍ବଲପୁର ଲୋକସଭା ସଦସ୍ୟ ଗଙ୍ଗଦେବ ତାଳଚେର– ବିମଳାଗଡ ରେଳପଥ ପାଇଁ ଅଧିକ ଅର୍ଥ ବରାଦ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲ ଏମ୍‌ପି ଗଙ୍ଗଦେବଙ୍କୁ ପତ୍ର ଲେଖି ନୂତନ ଭାବେ ତାଳଚେର– ବିମଳାଗଡ଼ ରେଳପଥ ନିର୍ମାଣ ସକାଶେ ୧୫୦ କି.ମି. ରେଳପଥ ପାଇଁ ୧୯୨୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରୁ ୮୬୫ କୋଟି ଟଙ୍କାର କାମ ହାତକୁ ନିଆଯାଇଥିବା ମନ୍ତ୍ରୀ ଗୋଏଲ ତାଙ୍କ ଚିଠିରେ ଦର୍ଶାଇବା ସହ ତାଳଚେରଠାରୁ ସୁନାଖେଣି ପର୍ଯ୍ୟନ୍ତ ୨୦ କି.ମି. ରେଳପଥ ସମ୍ପୂର୍ଣ୍ଣ ହୋଇଥିବା ଜଣାଇଛନ୍ତି। ସୁନାଖେଣି ୨୦ କି.ମିଠାରୁ ୪୩.୫ କିମି ରେଳପଥ ନିର୍ମଣାଧିନ ରହିଥିବା ଏବଂ ଅବଶିଷ୍ଟ ରେଳପଥ ପାଇଁ ୨୫୫ ହେକ୍ଟର ରେକର୍ଡ ଜମି ଏବଂ ୧୦୫ ହେକ୍ଟର ସରକାରୀ ଜମିକୁ ଓଡିଶା ସରକାର ଅଧିଗ୍ରହଣ କରି ରେଳପଥକୁ ହସ୍ତାନ୍ତର କରି ନ ଥିବାରୁ ଚଳିତ ବଜେଟରେ ମାତ୍ର ୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଗୋଏଲ ଲୋକସଭା ସଦସ୍ୟ ଗଙ୍ଗଦେବଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅନୁରୂପ ଭାବେ ରାଜ୍ୟ ସରକାର ଯେତେଶୀଘ୍ର ଜମି ଯୋଗାଇଦେବେ କେନ୍ଦ୍ର ସରକାର ସେତେ ଶୀଘ୍ର ଆବଶ୍ୟକ ପରିମାଣର ଅର୍ଥ ଯୋଗାଇ ଦେବେ ବୋଲି ଉଲ୍ଲେଖ କରିବା ସହ ଏହି ରେଳପଥ ପୂର୍ଣ୍ଣାଙ୍ଗ କରିବା ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ ବୋଲି ରେଳମନ୍ତ୍ରୀ ଗୋଏଲ ତାଙ୍କ ଚିଠି ମାଧ୍ୟମରେ ପ୍ରକାଶ କରିଛନ୍ତି।

## ମନ୍ତ୍ରୀଙ୍କ ହସ୍ତକ୍ଷେପ: ଟୋକନ କଟିଥିବା ଚାଷୀ ପୁଣି ଧାନ ବିକିଲେ

**ଜୁନାଗଡ, ୧୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ମଣ୍ଡିରେ ବୁଧବାର ୬ଜଣ ଚାଷୀଙ୍କ ଟୋକନ ହଠାତ୍ କଟିଯାଇଥିଲା। ଯାହାକୁ ନେଇ ଉକ୍ତ ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଥିଲା। ଚିଟୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ନେତୃତ୍ୱରେ ରାତିରେ ଏହି ଚାଷୀମାନେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ସାକ୍ଷାତ କରି ସମସ୍ୟା ବିଷୟରେ ଜଣାଇଥିଲେ। ଏହାପରେ ମନ୍ତ୍ରୀ ମିଶ୍ରଙ୍କ ହସ୍ତକ୍ଷେପ ପରେ ବିଳମ୍ବିତ ରାତିରେ ହିଁ ସମସ୍ତଙ୍କ ଟୋକନ ପୁଣି ଥରେ ଫେରିଆସିଥିବା ଜଣାପଡିଥିଲା।

## କରୋନା ପ୍ରଭାବ: ଘରେ ପାଳିଲେ ସାବିତ୍ରୀ ବ୍ରତ



କୁତ୍ରା ଅଞ୍ଚଳରେ ମହିଳାମାନେ ଘରେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

**କୁତ୍ରା, ୧୦।୬ (ଡି.ଏନ.ଏ)**

କରୋନା କଟକଣା ପାଇଁ ଏବେ ସବୁ ବନ୍ଦଥିବାବେଳେ ଏଥର ସାବିତ୍ରୀ ବ୍ରତକୁ ନିଆରା ଭାବରେ ପାଳନ କରିବା ପାଇଁ ବାଧ ହୋଇଛନ୍ତି ମହିଳାମାନେ। ପୂର୍ବରୁ ଗ୍ରାମଗୁଡିକରେ ସାବିତ୍ରୀମାନେ ମିଳିତ ଭାବେ ଏହା ପାଳନ କରୁଥିଲେ। କରୋନା କଟକଣା ଯୋଗୁ ଏକତ୍ର ନ କରି ନିଜ ଘରେ ଏହା ପାଳନ କରିଥିବା ଦେଖିବାକୁ ମିଳିଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତ ବରଗଛ ମୂଳ, ଦେବୀ ପୀଠ ସବୁଠି ଆଜିକିନ୍ତୁ ଖାଁ ଖାଁ ଲାଗୁଥିଲା। ସାବିତ୍ରୀ ବ୍ରତ କରୋନା ମାଡରେ ଫିକା ଫିକା ଲାଗୁଥିଲା।

# ହାଟରେ ପ୍ରବଳ ଭିଡ଼: କରୋନା କଟକଣାକୁ ବେଖାତିର

**ଲହୁଣୀପଡା,୧୦।୬ (ଡି.ଏନ.ଏ)**



ଲହୁଣୀପଡା ସାପ୍ତାହିକ ହାଟରେ ପ୍ରବଳ ଭିଡ ଲାଗିଛି।

ସୁନ୍ଦରଗଡ଼ ଜିଲା ଲହୁଣୀପଡାରେ ବୁଧବାର ସାପ୍ତାହିକ ହାଟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସମସ୍ତେ କରୋନା କଟକଣାକୁ ଭୁଲି ଯାଇଥିଲେ। ସାବିତ୍ରୀ ବ୍ରତ ପାଇଁ ଏଭଳି ଭିଡ଼ ହୋଇଥିଲା ବୋଲି ଜଣାପଡ଼ିଛି। ଫଳ ବଜାରରେ ଆକାଶ ଛୁଆଁ ଦର ନିଦ ହଜାଇ ଦେଇଥିବା ବେଳେ ଫଳଦୋକାନୀ ତଥା ଅନ୍ୟାନ୍ୟ ଦୋକାନୀମାନଙ୍କର ବେପାରୁଆ ମନୋଭାବ ଲହୁଣୀପଡା ହାଟରେ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। କରୋନା କଟକଣା ଥିବା ସତ୍ତ୍ୱେ ଏ ପ୍ରକାରର ଗହଳି ଲୋକଙ୍କ ମଧ୍ୟରେ ସଚେତନତା ଅଭାବର ସ୍ପଷ୍ଟ ବାରି ହୋଇପଡିଛି। ଏପଟେ କରୋନା କଟକଣା ସେପଟେ ଫଳ ଦୋକାନୀ ତଥା ଅନ୍ୟାନ୍ୟ ଦୋକାନୀଙ୍କ ବେପାରୁଆ ମନୋଭାବ ପାଇଁ ହାଟ ଭିଡ ରହିବା ପ୍ରମୁଖ କାରଣ। ଲୋକମାନେ ହାଟରେ ସାମାଜିକ ଦୂରତା ନ ରଖିବା, ମାସ୍କଗୁଡିକୁ ଠିକସେ ନପିନ୍ଧି ହାଟରେ ହାଟ କରିବା ନିଜ ତଥା ଯାହା ପାଇଁ ସେମାନେ ଏ ବ୍ରତ ପାଳନ କରୁଛନ୍ତି ତାହା ଯେ, ଅଶୁଭ ଫଳପ୍ରଦ ନହେଉ ତାହା ହିଁ ସବୁଠାରୁ ବଡପ୍ରଶ୍ନ। ଏହି ବ୍ରତ ପାଇଁ ଆବଶ୍ୟକତା ହେଉଥିବା ୨୧ ପ୍ରକାରର ବିଭିନ୍ନ ଫଳମୂଳ ନହେଲେ ବ୍ରତର କୌଣସି ମୂଲ୍ୟ ନ ଥାଏ ବୋଲି ବିଶ୍ୱାସ ରହିଛି। ଏହାର ସୁଯୋଗ ନେଇ କେତେକ ବ୍ୟବସାୟୀ ଫାଇଦା ଉଠାଇଥିବା ଦେଖିବାକୁ ମିଳିଥିଲା।

# ଟ୍ରକ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା, ପ୍ରଶଂସାପତ୍ର ପ୍ରଦାନ

**ରାଜଗାଙ୍ଗପୁର, ୧୦।୬ (ଡି.ଏନ.ଏ)**

ରାଜଗାଙ୍ଗପୁର ରାଣୀବନ୍ଧ ସ୍ଥିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ କୋଭିଡ ନିୟମକୁ ଦୃଷ୍ଟିରେ ରଖି ଏକ ସଭାକାର୍ଯ୍ୟ ସଭାପତି ରାଜେଶ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପନଗରପାଳ ତଥା ଟ୍ରକ ମାଲିକ ସଂଘର ପ୍ରତିଷ୍ଠାତା ସଦସ୍ୟ ଇଫତେକାର ଅହମ୍ମଦ (ପାକାବାବୁ) ଯୋଗଦେଇଥିଲେ। ପ୍ରଥମେ କୋଭିଡ ଯୋଗୁ ପ୍ରାଣ ହରାଇଥିବା ସଦସ୍ୟ ଓ ଅନ୍ୟ ମୃତକଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ଦ୍ୱାରା ଦୀର୍ଘ ଦିନ ଧରି ଲକ୍ ଡାଉନ ଯୋଗୁ ରନ୍ଧାଖାଦ୍ୟ ବଣ୍ଟନ ଜାରି ରହିଛି। ଏହି ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ଆର୍ଥିକ ତଥା ଶାରିରୀକ ସାହାର୍ଯ୍ୟ ପ୍ରଦାନ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ସହ ପ୍ରଶଂସାପତ୍ର ସଭାପତି ଓ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ରାଜଗାଙ୍ଗପୁରରେ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ

**ରାଜଗାଙ୍ଗପୁର, ୧୦।୬ (ଡି.ଏନ.ଏ)**

ରାଜଗାଙ୍ଗପୁରର ରାଣୀବନ୍ଧ ସ୍ଥିତ ବୀର୍ସା ଛକଠାରେ ବୀର ବୀର୍ସା ମୁଣ୍ଡାଙ୍କର ଶହୀଦ ଦିବସ କୋଭିଡ୍ କଟକଣାକୁ ଲକ୍ଷ୍ୟ ରଖି ପାଳନ ହୋଇଛି। ଏହା ଅଲଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟି ଦ୍ୱାରା ପାଳନ କରାଯାଇଛି। ଶହୀଦ ବୀର ବୀର୍ସା ମୁଣ୍ଡାଙ୍କର ପ୍ରତିମୂର୍ତ୍ତିରେ ସଦସ୍ୟମାନଙ୍କ ଦ୍ୱାରା ଶ୍ରଦ୍ଧାସହ ମାଲ୍ୟାର୍ପଣ କରାଯିବା ପରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ କମିଟିର ସଦସ୍ୟମାନେ ବୀର୍ସା ମୁଣ୍ଡାଙ୍କ ଉପରେ ସ୍ୱଳ୍ପ ବକ୍ତବ୍ୟ ରଖିଥିଲେ। ଶହୀଦ ବିର୍ସା ମୁଣ୍ଡାଙ୍କୁ ଆଦିବାସୀ, ବନବାସୀ ଗରିବ ଖଟିଖିଆ ଜନଗଣଙ୍କର ମୁକ୍ତିର ପ୍ରତୀକ ବୋଲି ମତରଖିଥିଲେ। ସଙ୍ଗଠନର ସଂଯୋଜକ ଜଷ୍ଟିନ ଲୁଗୁନଙ୍କ ସହ ଧନେଶ୍ୱର ମହାନନ୍ଦିଆ, ଲେଲିନ ଟେଟେ, ପ୍ରଦୀପ ତିର୍କୀ, ଜୋହାନୀ ଡୁଙ୍ଗଡୁଙ୍ଗ ଓ ଅନ୍ୟମାନେ ରହିଥିଲେ ।




ରାଜଗାଙ୍ଗପୁରର ବୀର୍ସା ମୁଣ୍ଡାଙ୍କର ଶହୀଦ ଦିବସରେ ଉପସ୍ଥିତ ଅତିଥି।

# ଅନାବିଳ ମମତାର ବିରଳ ଅନୁଭବ

**କୁଆଁରମୁଣ୍ଡା,୧୦।୬(ଡି.ଏନ.ଏ.)**



ଲଳିତାଙ୍କ କୋଳରେ କୁକୁଡ଼ା ।

ମଣିଷ ହେଉ କି ପ୍ରାଣୀ ସ୍ନେହ, ଶ୍ରଦ୍ଧା ମାଧ୍ୟମରେ ସମ୍ପର୍କ ଦୃଢ ହୋଇଥାଏ । ବେଳେ ବେଳେ ଏହି ସମ୍ପର୍କକୁ ମଣିଷ ଅପେକ୍ଷା ପ୍ରାଣୀମାନେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଥରୁଟିଏ ଆଦର ଓ ଯତ୍ନ ପାଇଲେ ପ୍ରତିଦିନ ସେହି ଲୋକର ମମତାର ଡୋରିରେ ବାନ୍ଧି ହୋଇଯିବା ଦେଖିବାକୁ ମିଳିଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲାର କୁଆଁରମୁଣ୍ଡା ଅଞ୍ଚଳରେ । ଲଳିତା ନାଏକ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ । ଚାକିରି ଜୀବନ ପରେ ସରବେରଣିସ୍ଥିତ ତାଙ୍କ ଘରେ ଥିବା ଗୋଟିଏ କୁକୁଡା ସହ ତାଙ୍କର ଅନାବିଳ ସମ୍ପର୍କ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଏକ ପରିଚୟ ଆଣି ଦେଇଛି । କୁକୁଡାକୁ ମଣିଷ ମାରି ଖାଉଥିବା ବେଳେ ଲଳିତାଙ୍କ ପରିବାର ପାଇଁ ଉକ୍ତ କୁକୁଡା (ଗଞ୍ଜା) ସତେ ଯେମିତି ପରିବାରର ସଦସ୍ୟ ପାଲିଟି ଯାଇଛି । ସକାଳ ହେଉ କି ସନ୍ଧ୍ୟା ଯେତେବେଳେ ଲଳିତା ଓ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଘନଶ୍ୟାମ ନାଏକ ଜଳଖିଆ ଖାଆନ୍ତି ,ସେତେବେଳେ ଉକ୍ତ କୁକୁଡା ସେମାନଙ୍କ ନିକଟକୁ ଯାଇଥାଏ । ସେମାନେ ଖାଉଥିବା ଖାଦ୍ୟ ତଳେ ପକାଇ ଦେଲେ କୁକୁଡା ଜମା ଖାଇ ନ ଥାଏ । ତେବେ କୋଳରେ ବସାଇ ଖାଇବାକୁ ଦେଲେ ସେ ଖାଇଥାଏ । ଏହିପରି ଭାବେ ଦୁହିଁଙ୍କ ମଧ୍ୟରେ ଭଲପାଇବା ଏତେ ନିବିଡ ହୋଇଯାଇଛି ଯେ, କୁକୁଡା କୋଳରେ ନ ବସିଲେ ଜମା ଖାଏନାହିଁ । ଏପରି କି କୁକୁଡା କୋଳରେ ବସିଥିବା ବେଳେ ବୁଲା କୁକୁର ପାଖକୁ ଚାଲି ଆସିଲେ ସେ ଧାଇଁଯାଇ ସେମାନଙ୍କୁ ଘଉଡାଇ ଦେଇଥାଏ । ଏ ନେଇ ଲଳିତାଙ୍କୁ ପଚାରିବାରେ ସେ କୁହନ୍ତି ପିଲାଟି ଦିନରୁ ପଶୁ ପକ୍ଷୀଙ୍କୁ ଭଲ ପାଇଥାଏ । ଘର ଚଟିଆମାନଙ୍କୁ ଖାଇବାକୁ ଦେଲା ବେଳେ ସେମାନେ ଆଦରରେ ମୋ କାନ୍ଧ,ମୁଣ୍ଡ ଉପରେ ବସି ପଡିଥାନ୍ତି । ଆମେ ଯଦି ପ୍ରକୃତରେ ଗୋଟିଏ ଜୀବକୁ ଭଲ ପାଇବା ତାହାଲେ ସେ ନିଶ୍ଚିତ ଭାବେ ଭଲ ପାଇବାକୁ ମନେରଖିବ ବୋଲି ଲଳିତା କହିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୧ ଜୁନ୍, ୨୦୨୧

## ଟ୍ରାକ୍ଟର ଧକ୍କାରେ ବୃଦ୍ଧା ମୃତ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବରିହା ଗ୍ରାମପଞ୍ଚାୟତର ସଦେଇପୁର ଗ୍ରାମରେ ବୁଧବାର ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣକ ହେଲେ ଦୁଲ୍ଲଭ ବାରିକ (୬୫)। ସେ ନିଜ ଘର ସମ୍ମୁଖ ରାସ୍ତା କଡରେ ବାସନ ମାଜୁଥିବା ବେଳେ ସେହି ବାଟ ଦେଇ ଯାଉଥିବା ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଛି।



## ସଂକ୍ଷେପରେ

### ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ବୃଦ୍ଧଙ୍କ ମୃତ୍ୟୁ

ଲୋଇସିଂହା,୧୦।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖଲିଆପାଲି ରେଳଷ୍ଟେଶନରୁ ମୂମୁର୍ଷୁ ଅବସ୍ଥାରେ ଉଦ୍ଧାର ବୃଦ୍ଧଙ୍କୁ ବୁଧବାର ସନ୍ଧ୍ୟାରେ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୃଦ୍ଧଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଛି। ପୋଲିସ ସୂଚନାମତେ, ବୁଧବାର ସନ୍ଧ୍ୟାରେ ବିଲାସପୁର-ଟିଟିଲାଗଡ ଟ୍ରେନରୁ ସାଲେଭଟା ଖଲିଆପାଲି ଷ୍ଟେଶନରେ ଓହ୍ଲାଇବା ବେଳେ ବୃଦ୍ଧଙ୍କ ଗୋଡ ଖସିବାରେ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଲାଙ୍ଗୀର ଜିଆରପି ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଚିକିତ୍ସାଧୀନବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଲୋଇସିଂହା ପୋଲିସ ମୃତଦେହ ଜବତ କରିଥିଲା। ବୃଦ୍ଧ ଜଣକ ଗତ କିଛିଦିନ ହେଲା ଖଲିଆପାଲି ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ ବୋଲି ପୋଲିସ କହିଛି।

### ଡିଏଫଓଙ୍କ ସହ ଆଲୋଚନା କଲେ ଅସ୍ଥାୟୀ ବନ କର୍ମଚାରୀ

ବଲାଙ୍ଗୀର ଅଫିସ, ୧୦।୬: ବଲାଙ୍ଗୀର ଜିଲା ବନଖଣ୍ଡ ଅଧୀନରେ କାର୍ଯ୍ୟରତ ଶତାଧିକ ଚୁକ୍ତିଭିତ୍ତିକ ବନ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ ସମୀର ଶତପଥୀ, ଅତିରିକ୍ତ ବନ ସଂରକ୍ଷକ ଅଧିକାରୀ ବାବାଜୀ ଚରଣ ରାଉଳ, ବରିଷ୍ଠ କଂଗ୍ରେସ ନେତା ତଥା ସଙ୍ଗଠକ ଅସୀମ ପଟ୍ଟନାୟକ, ସାମାଜିକ କର୍ମୀ ତଥା ଆଇନଜୀବୀ ବିଶ୍ୱମୋହନ ଜେନା, ପ୍ରବାସୀ ଶ୍ରମଜୀବୀ ସଙ୍ଗଠନର ଉମେଶ ପ୍ରଧାନ, ଅସ୍ଥାୟୀ ବନ କର୍ମଚାରୀ ସଙ୍ଗଠନ ପ୍ରତିନିଧି ହେମନ୍ତ ବଳବନ୍ତରାୟ ଏବଂ ତୀର୍ଥବାସୀ ମିଶ୍ର ଯୋଗ ଦେଇଥିଲେ। ବନ ବିଭାଗ ସହିତ ଚୁକ୍ତିବଦ୍ଧ ମାନବ ସମ୍ବଳ ଯୋଗାଣକାରୀ ସଂସ୍ଥାମାନଙ୍କ ପକ୍ଷରୁ ଶତାଧିକ ଅସ୍ଥାୟୀ ବନ କର୍ମଚାରୀଙ୍କ ମାସିକ ପାରିଶ୍ରମିକ ପ୍ରଦାନରେ ଅହେତୁକ ବିଳମ୍ବ ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ତଥା କର୍ମଚାରୀ ସ୍ୱାସ୍ଥ୍ୟବୀମା ଯୋଜନାରେ ଅର୍ଥ ପୈଠକୁ ନେଇ ଅନିୟମିତତା ଦେଖାଯିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କର୍ମଚାରୀଙ୍କ ବକେୟା ଥିବା ଗତ ମାର୍ଚ୍ଚ ମାସର ପାରିଶ୍ରମିକ, ମାନବ ସମ୍ବଳ ଯୋଗାଣକାରୀ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ବିଷୟ ବନଖଣ୍ଡ ଅଧିକାରୀ ଶତପଥୀ ଉପସ୍ଥିତ ପ୍ରତିନିଧିଙ୍କୁ ଜଣାଇଥିଲେ।

### ବାଇକ୍‌ରେ ଗଞ୍ଜେଇ ଚାଲାଣ, ଜଣେ ଗିରଫ

ଟିଟିଲାଗଡ଼, ୧୦।୬ (ଡି.ଏନ.ଏ .): ଟିଟିଲାଗଡ଼ ନିକଟ ତରାସିଙ୍ଗା ଗ୍ରାମ ନିକଟରେ ବାଇକରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମନୋହର ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ସାଥୀ ଫେରାର ହୋଇଯାଇଛନ୍ତି। କଳାହାଣ୍ଡିରୁ ଗଞ୍ଜେଇ ନେଇ ଆସୁଥିବାବେଳେ ରାସ୍ତାରେ ଜଣେ ସାଇକେଲ ଆରୋହୀ ଓ ଗୋଟିଏ ମେଣ୍ଢାକୁ ମୁକେଶଙ୍କ ବାଇକ ଧକ୍କା ଦେଇଥିଲା। ଫଳରେ ବାଇକରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଖସିପଡିଥିଲା। ସେଠାରେ ଉପସ୍ଥିତ ଗ୍ରାମବାସୀ ତାଙ୍କୁ କାବୁ କରିଥିବାବେଳେ ଘଟଣାସ୍ଥଳରୁ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ମୁକେଶଙ୍କୁ ଗିରଫ କରିଥିବା ଆଇଆଇସି ରଞ୍ଜନ ବରିହା କହିଛନ୍ତି।

### ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱ

ଲୋଇସିଂହା,୧୦।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଗ୍ରାମ ମାନବ ସମ୍ବଳ ବିକାଶ ସଂଘ ପକ୍ଷରୁ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଛେଲିଆ ପାଟ ପାହାଡରେ ଆୟୋଜିତ ଉତ୍ସବରେ ଭରସୁଜା ସରପଞ୍ଚ ଗଣେଶ ସାହୁ, ବନ କର୍ମଚାରୀ ସରୋଜ ସାହୁ, ରୋଡ ସିଆରସିସି କରୁଣାକର ପାତ୍ର, ଧୀରେନ ପଧାନ ଓ ଠାକୁର ବରିହା ଅତିଥିଭବେ ଯୋଗଦେଇଥିଲେ। ଜଙ୍ଗଲ ଧ୍ୱଂସର କୁପରିମାଣ ଓ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟକୁ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ସଭାପତି ପ୍ରେମାନନ୍ଦ ସାହୁ ସଂଯୋଜନା କରିଥିଲେ। ସଭା ପରେ ଛେଲିଆପାଟ ଜଙ୍ଗଲରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟ ପରିଚାଳନାରେ ରମେଶ ଭୋଇ, ଧର୍ମେନ୍ଦ୍ର ପଧାନ, ରାଜେଶ ପଧାନ, ଦେବାଶିଷ ପଧାନ, ସୁରେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମଣ୍ଡି ଫାଟକରେ ତାଲା ପକାଇଲେ ଚାଷୀ

# ଗଜା ହେଲାଣି ଧାନ

ବରଗଡ଼ ଅଫିସ୍,୧୦।୬

- ଟୋକନ, ଟାର୍ଗେଟ୍ ଆଳରେ ମଣ୍ଡିରୁ ଉଠୁନି
- ଅଧିକାରୀଙ୍କୁ ଘେରି ପ୍ରତିବାଦ କଲେ

ବରଗଡ଼ ଜିଲାରେ ରବିଧାନ ସଂଗ୍ରହକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। କିନ୍ତୁ ଜିଲାରେ ଧାନ କିଣାବିକାରେ ସୁଧାର ଆସିପାରିନାହିଁ। ଚାଷୀମାନେ ଧାନ ବିକ୍ରି କରି ନ ପାରି ହଟହଟାର ସମ୍ମୁଖୀନ ହେଉଛନ୍ତି। ଝଡ଼ବର୍ଷାରେ ଅମଳ ଧାନ ନଷ୍ଟ ହେବା ସହିତ କ୍ଷେତ, ଖଳାରେ ପଡ଼ି ରହି ଗଜା ହେଉଛି। ଅନ୍ୟପଟେ ଦିନକୁ ଦିନ ଧାନ ସଂଗ୍ରହ ପ୍ରକ୍ରିୟା ଶିଥିଳ ହୋଇ ପଡୁଛି। କେତେବେଳେ ଟାର୍ଗେଟ୍ ଅଭାବ ତ ଆଉ କେବେ ଟୋକନ ଅବଧି ସରିଯିବା, ଟୋକନରେ ତ୍ରୁଟି, ଧାନରେ ଆର୍ଦ୍ରତା ଆଦି ଆଳ କରି ଧାନ କିଣାଯାଉନାହିଁ। କରୋନା କାଳରେ ଏଭଳି ଭାବେ ଚାଷୀଙ୍କ ଦୁଃଖ ବଢ଼ି ଚାଲିଛି। ତଥାପି ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଉନାହିଁ। ଏଥିପାଇଁ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି।

ଗତ କିଛିଦିନ ଧରି କାଳବୈଶାଖୀ ବର୍ଷା ଯୋଗୁ ଜିଲାର ଅତାବିରା, ଭେଡ଼େନ, ବରଗଡ଼ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଧାନ କ୍ଷତିଗ୍ରସ୍ତ ହୋଇଛି। କାଦେବାହାଲ, କୁଲୁଣ୍ଡା, କୁଜାପାଲି, ଖଲିଆପାଲି ଭଳି ଅନେକ ଗ୍ରାମରେ ଚାଷୀଙ୍କ ଧାନ ଗଜା ହୋଇଗଲାଣି। ଏପରକି କ୍ଷେତରେ ପଡ଼ିଥିବା ଧାନପେଟାରୁ ଗଜା ବାହାରି ପୁଣି ଧାନ ଗଛ ଉଠିବା ଦେଖିବାକୁ ମିଳିଛି। ସ୍ଥିତି ଏଭଳି ହେଉଥିଲେ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟାରେ ସୁଧାର ଆସିପାରିନାହିଁ। ଟୋକନ ଅବଧି ୧୨ଦିନରେ ସୀମିତ ରହିଛି। ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ସରକାର ଏହି ଅବଧି ବୃଦ୍ଧି କରିବା ବଦଳରେ ନିରବ ରହିଛନ୍ତି।

ଏହାର ପ୍ରତିବାଦରେ ଗୁରୁବାର ଅତାବିରା ଆର୍‌ଏମ୍‌ସି ଅଧୀନ କାଦୋବାହାଲ ମଣ୍ଡି ମୁଖ୍ୟ ଫାଟକରେ ଚାଷୀମାନେ ତାଲା ପକାଇ ଦେଇଥିଲେ। ସେଠାକୁ ଅତିରିକ୍ତ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଭକ୍ତବନ୍ଧୁ ସାହୁ, ସହକାରୀ ସମବାୟ ନିବନ୍ଧକ ଗଜରାଜ ପଣ୍ଡା ପ୍ରମୁଖ ପହଞ୍ଚିବା ପରେ ଚାଷୀମାନେ ସେମାନଙ୍କୁ ଘେରି ପ୍ରତିବାଦ କରିଥିଲେ। ଏଭଳି ଅଭିଯୋଗ କରି ବୁଧବାର ଅତାବିରା, ମହୁଲପାଲି ମଣ୍ଡିରେ ମଧ୍ୟ ଚାଷୀମାନେ ତାଲା ପକାଇଥିଲେ। କେବଳ ଅତାବିରା, ଭେଡ଼େନ ବ୍ଲକ ନୁହେଁ, ଜିଲାର ପ୍ରାୟ ସବୁ ଅଞ୍ଚଳରେ ଧାନ କିଣାବିକା ପ୍ରକ୍ରିୟାରେ ଏଭଳି ସମସ୍ୟା ଦେଖାଯାଇଛି। ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନ ଗଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



କାଦୋବାହାଲ ମଣ୍ଡିରେ ତାଲା ମାରି ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଘେରିଛନ୍ତି(ବାମ), ଗୋଡ଼ଭଗା ନିକଟ କୁଜାପାଲି ଗ୍ରାମରେ ଚାଷୀଙ୍କ କ୍ଷେତରେ ପଡ଼ିଥିବା ଧାନପେଟାରୁ ଗଜା ବାହାରିଲାଣି।

## ଟ୍ରାକ୍ଟରରୁ ଖସି ଶ୍ରମିକ ମୃତ

ସଇଁତଲା,୧୦।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବିବିନା ଗ୍ରାମରେ ଗୁରୁବାର ଇଟା ନେଇ ଯାଉଥିବା ଏକ ଟ୍ରାକ୍ଟରରୁ ଖସି ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲୋନୀ ପଡ଼ାର ହେମରାଜ ଭୋଇ (୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛି। ଏ ନେଇ ଥାନାରେ ଏକ ମାମଲା( ନଂ.୧୫୫/୨୧) ରୁଜୁ ହୋଇଛି। ମୃତକ ହେମରାଜ ଭିନ୍ନକ୍ଷମ ହୋଇଥିବାବେଳେ ପରିବାରର ଜଣେମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ତିନି ପିଲା ଏବଂ ସ୍ତ୍ରୀ ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି। ସୂଚନା ଅନୁଯାୟୀ ସଇଁତଲା ରେଳଷ୍ଟେଶନ ପଡ଼ାର ସୁଭାଶିଷ ଛତ୍ରିଆଙ୍କ ଟ୍ରାକ୍ଟର ନଂ.-ଓଡ଼ି-୦୩-ପି-୮୫୫୬ରେ ହେମରାଜ ଓ ତାଙ୍କ ବଡ଼ଭାଇ ନରିନ ଭୋଇ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ମଧ୍ୟାହ୍ନରେ ଉକ୍ତ ଟ୍ରାକ୍ଟର ବିବିନା ଅଞ୍ଚଳର ଏକ ଇଟା ଭାଟିରୁ ଇଟା ଆଣି ସଇଁତଲା ପଟକୁ ଆସୁଥିବାବେଳେ ହେମରାଜ ଟ୍ରାକ୍ଟରରେ ବସିଥିଲେ। ବିବିନା ସରକାରୀ ବିଦ୍ୟାଳୟ ପାଖରେ ହେମରାଜ କୌଣସି କାରଣରୁ ଟ୍ରାକ୍ଟରରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଟ୍ରାକ୍ଟର ପଛ ଚକ ଚଢ଼ିଯାଇଥିଲା।

## ହସ୍ପିଟାଲରେ ୯୦ତମ ଜନ୍ମଦିନ କେକ୍ କାଟିଲେ କରୋନା ଆକ୍ରାନ୍ତ

ବଲାଙ୍ଗୀର ଅଫିସ, ୧୦।୬

ବଲାଙ୍ଗୀର କିମ୍‌ସ କୋଭିଡ ହସ୍ପିଟାଲରେ ଗୋପବନ୍ଧୁ ମିଶ୍ର ନାମକ ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତି ତାଙ୍କର ୯୦ତମ ଜନ୍ମଦିନ ପାଳିଛନ୍ତି। ଗୁରୁବାର ମିଶ୍ର ଜନ୍ମଦିନ ଜାଣିବା ପରେ ଏହାକୁ ସ୍ମରଣୀୟ କରିବା ଓ ତାଙ୍କ ମନୋବଳ ବୃଦ୍ଧି କରିବା ପାଇଁ କିମ୍‌ସ କୋଭିଡ ହସ୍ପିଟାଲର ଡାକ୍ତର ଓ ଷ୍ଟାଫ୍‌ମାନେ ପିପିଇ କିଟ୍ ପିନ୍ଧି ତାଙ୍କ ଶଯ୍ୟା ପାଖକୁ ଯାଇ ଜନ୍ମଦିନ କେକ୍ କାଟିଥିଲେ। ଦେଓଗାଁର ଗୋପବନ୍ଧୁ ମିଶ୍ର କରୋନା ଆକ୍ରାନ୍ତ ହୋଇ ଗୁରୁତର ହେବା ପରେ ତାଙ୍କୁ ଗତ ୫ ତାରିଖ ଦିନ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବାପରେ ଡାକ୍ତର ଓ ଷ୍ଟାପ୍‌ମାନେ ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇ କେକ୍ କାଟିଥିଲେ। ଡାକ୍ତରଖାନା ଭିତରେ ଏଭଳି ଏକ ଅପ୍ରତ୍ୟାଶିତ ଜନ୍ମଦିନ ପାଳନକୁ ନେଇ ମିଶ୍ର ବେଶ୍ ଖୁସିବ୍ୟକ୍ତ କରିଥିବା ଜଣାପଡିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ଉତ୍ସାହ ବୃଦ୍ଧିକାରୀ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ପିପିଇ କିଟ୍ ପିନ୍ଧି ଡାକ୍ତର ଓ ଷ୍ଟାଫ୍ କରୋନା ଆକ୍ରାନ୍ତଙ୍କ ଜନ୍ମଦିନ କେକ୍ କାଟୁଛନ୍ତି।

## ଜମିବାଡି ବିବାଦ ଘଟଣା: ୨ ପୃଥକ୍ ମାମଲା ରୁଜୁ

ଅତାବିରା,୧୦।୬ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ରିଝେଇପାଲି ଓ ପପଙ୍ଗା ଗ୍ରାମର ଦୁଇ ପରିବାରଙ୍କ ମଧ୍ୟରେ ଜମିବାଡିକୁ ନେଇ ଚାଲିଥିବା ଗଣ୍ଡଗୋଳ ପୁଣି ଉଗ୍ରରୂପ ନେଇଛି। ରିଝେଇପାଲି ଗ୍ରାମର ଗୋବର୍ଦ୍ଧନ ରଣାଙ୍କ ଅଭିଯୋଗ ଅନୁସାରେ, ପପଙ୍ଗା ଗ୍ରାମର ଲକ୍ଷ୍ମୀନାରାୟଣ ହୋତା ଓ ଅନ୍ୟମାନେ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିବା ସହ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୫/୨୧) ରୁଜୁ କରିଛି। ସେହିପରି ଲକ୍ଷ୍ମୀନାରାୟଣ ହୋତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା (ନଂ.୧୦୪/୨୧) ମଧ୍ୟ ରୁଜୁ କରିଛି। ଏ ନେଇ ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚରାଯିବାରୁ ଉଭୟ ପକ୍ଷର କାହାକୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଏହାର ଅଧିକ ତଦନ୍ତ ଚାଲିଥିବା ସେ କହିଥିଲେ।

## ରେଲୱେ ଭୂତଳ ପୋଲରେ ଜମୁଛି ବର୍ଷା ପାଣି

ଲୋଇସିଂହା,୧୦।୬(ଡି.ଏନ.ଏ)

ଆନୁସଙ୍ଗିକ ବ୍ୟବସ୍ଥା ନକରି ତରବରିଆଭାବେ ରେଳ ବିଭାଗ ଲୋଇସିଂହାସ୍ଥିତ ରେଳୱେ ଭୂତଳ ପୋଲକୁ କାର୍ଯ୍ୟକ୍ଷମ କରିଥିଲା। ଏହି କାରଣରୁ ଏବେ ପ୍ରାକ ମୌସୁମୀ ବର୍ଷାରେ ପୋଲତଳେ ଅଣ୍ଟାଏ ପାଣି ଜମି ରହୁଛି। ଲୋକେ ପୋଲଦେଇ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋଇସିଂହାବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନକଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସମ୍ବଲପୁର-ଟିଟିଲାଗଡ ଲାଇନର ଲୋଇସିଂହା ଷ୍ଟେଶନ ପୂର୍ବରୁ ଲୋଇସିଂହା ବସ୍ତି ରୋଡ ରହିଛି। ଏହି ରାସ୍ତାରେ ବିଭାଗ ପକ୍ଷରୁ ଏକ ଫାଟକ ରହିଥିଲା। ଫାଟକ ନିକଟରେ ଭୂତଳ ପୋଲ ନିର୍ମାଣ ହୋଇଛି। ପାଣି ନିଷ୍କାସନର ବ୍ୟବସ୍ଥା ହୋଇପାରିନାହିଁ। ହେଲେ ଗତମାର୍ଚ୍ଚ ମାସରେ ରେଳବିଭାଗ ପକ୍ଷରୁ ଉକ୍ତ ପୋଲକୁ ତରବରିଆ ଭାବେ କାର୍ଯ୍ୟକ୍ଷମ କର ରେଳ ଫାଟକକୁ ବନ୍ଦ କରି ଦେଇଛି। ଏବେ ଲୋଇସିଂହାବାସୀ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ଉକ୍ତ ପୋଲ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଗତଦୁଇଦିନ ହେଲା ପ୍ରାକ ମୌସୁମୀ ବର୍ଷା ଲାଗିରହିଛି। ଫଳରେ ପୋଲ ତଳ ପାଣି ନିଷ୍କାସନ ହୋଇ ନ ପାରି ଜମିରହୁଛି।


ରେଲୱେ ଭୂତଳ ପୋଲରେ ଜମି ରହିଥିବା ବର୍ଷାପାଣି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଅତାବିରା,୧୦।୬ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ କୁମୁରାପାଲି ଗ୍ରାମରେ ଜଣେ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଗୁରୁବାର ଜବତ କରିଛି। ମୃତା ମହିଳା ହେଲେ କୁମୁରାପାଲି ଗ୍ରାମର ସ୍ୱର୍ଗତ କାର୍ତ୍ତିକ ଭୋଏଙ୍କ ସ୍ତ୍ରୀ ଲକ୍ଷ୍ମୀ ଭୁଏ (୨୩)। ବରଗଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ସତ୍କାର କରାଯାଇଛି। ପୋଲିସ ସୂଚନା ଅନୁସାରେ, ଭେଡେନ ଥାନା ବାଦି ଗ୍ରାମର ଲକ୍ଷ୍ମୀ ଭୋଏ (୨୩) ଓ କୁମୁରାପାଲି ଗାଁର କାର୍ତ୍ତିକ (୨୮) ୩ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଗତ ୨୨ ଦିନ ତଳେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଲକ୍ଷ୍ମୀ ବେକରେ ଶାଢି ଲଗାଇ ଘରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରି ତଦନ୍ତ ଚାଲିଛି। ମାତା ପିତାଙ୍କ ମୃତ୍ୟୁ ପରେ ଶିଶୁ କନ୍ୟା ବେସାହାରା ହୋଇପଡିଛି।

## ବନପାଳ ସ୍ତରରେ ଅଦଳବଦଳ

ବୌଦ୍ଧ,୧୦।୬(ସ୍ୱ.ପ୍ର)

ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅନୁମୋଦନ କ୍ରମେ ଜିଲାରେ ବନପାଳମାନଙ୍କ ଏକ ବଡଧରଣର ଅଦଳବଦଳ କରାଯାଇଛି। ମିଳିଥିବା ସୂଚନା ମୁତାବକ, ବନପାଳ ଏମ. ପ୍ରସାଦ ରାଓଙ୍କୁ ଚାରିଛକ ସେକ୍ସନରୁ ବଘିଆପଡା ସେକ୍ସନକୁ ବଦଳି ହୋଇଛି। ସେଠାରେ ଥିବା ବନପାଳ ଶେଷଦେବ ମେହେରଙ୍କୁ ମନମୁଣ୍ଡା କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବନପାଳ ଅଜିତ କୁମାର ଆଚାର୍ଯ୍ୟଙ୍କୁ ମନମୁଣ୍ଡା ରେଞ୍ଜରୁ ବହିରା ସେକ୍ସନକୁ ବଦଳି ହୋଇଥିବାବେଳେ ସେଠାରେ ଥିବା ପୁଷ୍ପାଞ୍ଜଳି ମେହେରଙ୍କୁ ସଦର ମୋବାଇଲ ପାର୍ଟିକୁ ବଦଳି କରାଯାଇଛି। ମାଧପୁର ରେଞ୍ଜ ବାରିଙ୍ଗି ସେକ୍ସନର ବନପାଳ ସ୍ୱାଧୀନ ସାମଲଙ୍କୁ ବୌଦ୍ଧ ରେଞ୍ଜ କାର୍ଯ୍ୟାଳୟ, ବନପାଳ କଲେକ୍ଟର ବେହେରାଙ୍କୁ ମାଧପୁର ରେଞ୍ଜରୁ ତଳଗାଁ ସେକ୍ସନ, ବନପାଳ ସଞ୍ଜୟ କୁମାର ଦନ୍ତାଙ୍କୁ ତଳଗାଁ ସେକ୍ସନରୁ ଆଡେଣୀଗଡ ସେକ୍ସନ, ବନପାଳ ଅରୁଣ କୁମାର ପାଣ୍ଡେଙ୍କୁ ବୌଦ୍ଧ ସଦର ମୋବାଇଲ ପାର୍ଟି, ବନପାଳ ରମାକାନ୍ତ କହଁରଙ୍କୁ ନାରାୟଣପ୍ରସାଦ ସେକ୍ସନରୁ ମାଧପୁର ରେଞ୍ଜ ବାରିଙ୍ଗି ସେକ୍ସନ, ବନପାଳ ଚିତ୍ତରଞ୍ଜନ ପ୍ରଧାନଙ୍କୁ କନ୍ଧମାଳ ରେଞ୍ଜ ଅଧୀନ ନାରାୟଣପ୍ରସାଦ ସେକ୍ସନ, ବନପାଳ ଲିଙ୍ଗରାଜ ପ୍ରଧାନଙ୍କୁ ମୋବାଇଲ ପାର୍ଟିରୁ ପୁରୁଣାକଟକ ରେଞ୍ଜ ଅଧୀନ କୁଶଙ୍ଗ ସେକ୍ସନ ଏବଂ କୁଶଙ୍ଗ ବନପାଳ ସୁଶୀଲ କୁମାର ହୋତାଙ୍କୁ ବୌଦ୍ଧ ରେଞ୍ଜ କାର୍ଯ୍ୟାଳୟକୁ ବଦଳି କରାଯିବା ସହିତ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବୌଦ୍ଧ ରେଞ୍ଜ କାର୍ଯ୍ୟାଳୟରୁ ବନପାଳ ଗୋବର୍ଦ୍ଧନ ମେହେରଙ୍କୁ ପୁରୁଣାକଟକ ରେଞ୍ଜ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଚାରିଛକ ସେକ୍ସନର ଅତିରିକ୍ତ ଦାୟିତ୍ୱ, ସେହି ସ୍ଥାନରେ ଥିବା ରାଧେଶ୍ୟାମ କାମ୍ପଙ୍କୁ ମନମୁଣ୍ଡା ରେଞ୍ଜ ଅଧୀନ ଗୁଦ୍ଧୁଲିଆ ସେକ୍ସନ, ଗୁଦ୍ଧୁଲିଆ ବନପାଳ ରବିନ୍ଦ୍ର କୁମ୍ଭାରଙ୍କୁ କନ୍ଧମାଳ ରେଞ୍ଜ କାର୍ଯ୍ୟାଳୟର ବରପଦର ସେକ୍ସନର ଅତିରିକ୍ତ ଦାୟିତ୍ୱ, ବନପାଳ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ କନ୍ଧମାଳ ରେଞ୍ଜରୁ ହରଭଙ୍ଗା ବ୍ଲକ ମାଧପୁର ରେଞ୍ଜ କାର୍ଯ୍ୟାଳୟକୁ ବଦଳି କରାଯିବା ସହ ହାତୀମାନଙ୍କ ଗତିବିଧି ଉପରେ ଦୃଷ୍ଟି ରଖିବା ଦାୟିତ୍ୱ ଅତିରିକ୍ତ ଭାବେ ପ୍ରଦାନ କରାଯାଇଛି।

## ବୃଦ୍ଧାଶ୍ରମ ଗଲେ ବୃଦ୍ଧ ଦମ୍ପତି

ବରଗଡ଼ ଅଫିସ୍/ଅତାବିରା, ୧୦।୬

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଡୁମେରପାଲି ଡୁରିପଡ଼ାର ବୃଦ୍ଧ ଦମ୍ପତି ଶତ୍ରୁଘ୍ନ ଧରୁଆ(୮୦) ଓ ତିଲୋତ୍ତମା(୬୫) ଦୁର୍ବିଷହ ଜୀବନ ଅତିବାହିତ କରୁଥିଲେ। ଏ ନେଇ ବୁଧବାର ଧରିତ୍ରୀରେ 'ଯନ୍ତ୍ରଣାରେ କଟୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅତାବିରା ବିଡିଓ ବିଶ୍ୱନାଥ ସାହୁ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୃଦ୍ଧ ଦମ୍ପତିଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ସେମାନେ ଏକ କ୍ଲବ ଘରେ ଉଭୟ ଆଶ୍ରୟ ନେଉଥିବା ଦେଖିବାକୁ ପାଇଥିଲେ। ଏହାପରେ ବ୍ଲକ ପ୍ରଶାସନ ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରି କୋଭିଡ୍ ପରୀକ୍ଷା ପରେ ଅପରାହ୍ନରେ ସେମାନଙ୍କୁ ଭେଡେନସ୍ଥିତ ଏକ ବୃଦ୍ଧାଶ୍ରମକୁ ପଠାଇ ଦିଆଯାଇଛି। ଧରିତ୍ରୀରେ ପ୍ରକାଶିତ ଖବରକୁ ସାମାଜିକ କର୍ମୀ ରମେଶ ମେହେର ଏବଂ ରଶ୍ମିତା ମେହେର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ।


ଭେଡେନ ବୃଦ୍ଧାଶ୍ରମରେ ବୃଦ୍ଧ ଦମ୍ପତି।

## କଳାବ୍ୟାଜ୍ ପିନ୍ଧି ଡ୍ୟୁଟି କଲେ ଫାର୍ମାସିଷ୍ଟ


ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାର୍ମାସିଷ୍ଟମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ବଲାଙ୍ଗୀର ଅଫିସ, ୧୦।୬

ଫାର୍ମାସିଷ୍ଟଙ୍କ ପ୍ରତି ରାଜ୍ୟ ସରକାରଙ୍କ କ୍ରମାଗତ ଉଦାସୀନତା ପ୍ରଦର୍ଶନ ପ୍ରତିବାଦରେ ରାଜ୍ୟ ଫାର୍ମାସିଷ୍ଟ ସଂଘ ନିଷ୍ପତ୍ତିକ୍ରମେ ଗୁରୁବାର ଠାରୁ କଳବ୍ୟାଜ ପରିଧାନ କରାଯାଇଛି। ଫାର୍ମାସିଷ୍ଟମାନେ କଳାବ୍ୟାଜ ପିନ୍ଧି ଡ୍ୟୁଟି କରିଥିଲେ। ବଲାଙ୍ଗୀର ଜିଲା ସଂଘ ପକ୍ଷରୁ ରାଜ୍ୟ ସଂଘ ନିଷ୍ପତ୍ତି ପାଳନ କରାଯାଇ ଜିଲାର ବିଭିନ୍ନ ହସପିଟାଲରେ ଫାର୍ମାସିଷ୍ଟମାନେ କଳାବ୍ୟାଜ ପରିଧାନ କରିଥିଲେ। ଫାର୍ମାସିଷ୍ଟମାନଙ୍କ ମୂଳ କାର୍ଯ୍ୟ ସହ ସେମାନଙ୍କୁ ହସପିଟାଲରେ ଅନେକ କାର୍ଯ୍ୟ କରିବାକୁ କୁହାଯାଉଛି। ଫାର୍ମାସିଷ୍ଟମାନେ ସେସବୁ କାମ ନିଷ୍ଠାର ସହ ପାଳନ କରୁଛନ୍ତି। ତେବେ ସେମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସରକାର ସେମାନଙ୍କ କଥା ଶୁଣୁନାହାନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ଭୁଲି ଯାଉଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ୧୦ ଜୁନ୍‌ରୁ କଳାବ୍ୟାଜ ପରଧାନ କରି ଡ୍ୟୁଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଆଗକୁ ଦାବିପୂରଣ ଦିଗରେ ସରକାର ସକାରାତ୍ମକ ପଦକ୍ଷେପ ନନେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି।

OFFICE OF THE PRINCIPAL
GOVT. COLLEGE (AUTO), ANGUL
QUOTATION
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SARDAR VALLABHBHAI PATEL
International School of Textiles & Management
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
ADMISSION 2021 - 22. Applications Are Invited For SVP Entrance Test
B.Sc. • Textiles | MBA • Textile / Apparel / Retail
Applications are also open: 12 Weeks Online Short-term Certificate Courses In Medical Textile Management & Non-woven Textile Management for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675, 98438 14145
For short-term course details call 90036 45543
Visit www.svpistm.ac.in E-mail : admission@svpitm.ac.in


OFFICE OF THE REGULATED MARKET COMMITTEE, JAGATSINGHPUR
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
E-PROCUREMENT (INVITATION FOR BID)
TENDER CALL NOTICE No. 392 / Dt.09.06.2021
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website www.tenderorissa.gov.in from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୧ ଜୁନ୍, ୨୦୨୧



## ମଦଭାଟି ଆଗରେ ମୃତଦେହ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବହିରା ଗ୍ରାମପଞ୍ଚାୟତ ସଦେଇପୁର ଗ୍ରାମରେ ଥିବା ଏକ ଦେଶୀ ମଦଭାଟି ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ସନ୍ଧ୍ୟା ୭ଟାରୁ ପଡିରହିଥିବା ଦେଖିବାକୁ ମିଳିଛି । ମୃତ ଯୁବକ ହେଲେ ସଦେଇପୁର ଗ୍ରାମର ଅଇଁଠୁ ବେହେରା (୪୫)। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅଇଁଠୁ ମଦଭାଟିକୁ ଯାଇ ମଦ ପିଇବା ପରେ ଭାଟି ସମ୍ମୁଖରେ ପଡିଯାଇଥିଲେ। ରାତି ପର୍ଯ୍ୟନ୍ତ ସେଠାରୁ ନ ଉଠିବାରୁ ଭାଟିର କର୍ମଚାରୀ ଓ କିଛି ଗ୍ରାହକ ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏ ନେଇ ତୁରନ୍ତ ବାଉଁଶୁଣୀ ପୋଲିସକୁ ଖବର ଦିଆଯାଇଥିଲା। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା (ଗୁରୁବାର ଅପରାହ୍ନ ସାଢେ ୬ଟା) ମୃତଦେହ ଘଟଣାସ୍ଥଳରେ ପଡିରହିଥିଲା।

## ସଂକ୍ଷେପରେ

### ଗୀତ ଗାଇ ଲୋକଙ୍କୁ ସଚେତନ କରୁଛନ୍ତି ଭିନ୍ନକ୍ଷମ ଯୁବକ



ବାଉଁଶୁଣୀ,୧୦।୬ (ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର ଗ୍ରାମର ଦୃଷ୍ଟିହୀନ ସରୋଜ ତରିଆ ଗୀତ ମାଧ୍ୟମରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରୁଛନ୍ତି। ସରୋଜ ଜଣେ ଶିକ୍ଷିତ ଯୁବକ, ସିଟି ପାସ୍ କରିଛନ୍ତି । କେବଳ ରାଶନ ଚାଉଳ ୫ କେଜି ଓ ଭିନ୍ନକ୍ଷମ ଭତ୍ତା ୭୦୦ ଟଙ୍କା ବ୍ୟତୀତ ଆଉ କୌଣସି ସରକାରୀ ସହାୟତା ପାଉନାହାନ୍ତି। ହେଲେ ବାଜା ବଜାଇ ଗୀତ ଗାଇ ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟି ଚାଲିଛନ୍ତି। ଏ ସମ୍ପର୍କିତ ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

### ଅଟଳ ବିହାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ କଳାକାର

ସୋନପୁର,୧୦।୬(ନି.ପ୍ର.): ସୁବର୍ଣ୍ଣପୁର ଜିଲା କଳାକାର ସଂଘ ପକ୍ଷରୁ ନାଟ୍ୟକାର ତଥା ଅଭିନେତା ଡ. ଅଟଳ ବିହାରୀ ପଣ୍ଡାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସୁରେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଶୋକସଭାରେ ଡ. ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ଡ. ପଣ୍ଡା ୮୩ ବର୍ଷ ବୟସରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର ଶଲାବୁଢ଼ାରେ ମୁଖ୍ୟ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିପାରିଥିଲେ। ପରେ ଆଦିମ ବିଚାର ଓ ଶଲାବୁଢ଼ାର ବଦଲାରେ ମଧ ନିଖୁଣ ଅଭିନୟ କରି ଘରେ ଘରେ ପରିଚିତ ହୋଇ ପାରିଥିଲେ। ଏହି ଶୋକସଭାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଶାଶ୍ୱତ ତ୍ରିପାଠୀ, ଆଶୁତୋଷ ପୂଜାରୀ, ଚନ୍ଦନ ଦନ୍ତ, ବାପି ଦାସ, ମନୋଜ ପଣ୍ଡା, ସନ୍ତୋଷ ମିଶ୍ର ଓ ସସ୍ମିତା ପରମଗୁରୁ ପ୍ରମୁଖ ସାମିଲ ହୋଇଥିଲେ ।

### ଗ୍ରାହକ ପଞ୍ଚାୟତ ମହିଳା ଶାଖାର ବୈଠକ

ବଲାଙ୍ଗୀର ଅଫିସ, ୧୦।୬: ନବଗଠିତ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ମହିଳା ଶାଖାର ପ୍ରଥମ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବକ୍ଷେତ୍ର ମହାମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ସମାଜ ଗଠନରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କର ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାଜ୍ୟ ମହିଳା ପ୍ରମୁଖ ତଥା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଜୟଶ୍ରୀ ମଲ୍ଲିକ ଯୋଗଦେଇ ଗ୍ରାହକ ପଞ୍ଚାୟତର ମହିଳାମାନଙ୍କର କାର୍ଯ୍ୟ ଓ ତାଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ରଞ୍ଜିତା ମିଶ୍ର ପରିଚାଳନା କରିଥିଲେ। ସଭା ଆରମ୍ଭରେ ମାଳତି ଉଦ୍‌ଗାତା ସଙ୍ଗଠନ ମନ୍ତ୍ରପାଠ କରିଥିଲେ। ଏହି ବୈଠକରେ ରାଉରକେଲାର ସରିତା ପଣ୍ଡା, ସିଲି ମହାନ୍ତି, ସୁନ୍ଦରଗଡ଼ର ମୀନାକ୍ଷୀ ନାଏକ, ଆଡ୍‌ଭୋକେଟ ମଞ୍ଜୁ ପଟେଲ, ଧମାଲି ପଟେଲ, ଭବାନୀପାଟଣାର ଦମୟନ୍ତୀ ପଣ୍ଡା, ବଲାଙ୍ଗୀର ସଦସ୍ୟା ମଞ୍ଜୁଳା ମିଶ୍ର, ମୃଣ୍ମୟୀ ମିଶ୍ର, ନୀହାରିକା ମିଶ୍ର, ପଦ୍ମଜା ବହିଦାର, ପୁଷ୍ପା ପାଣି, ସବିତାଞ୍ଜଳି ଉଦ୍‌ଗାତା ଯୋଗ ଦେଇଥିଲେ ।

### କୋଭିଡ୍‌ରେ ମୃତକଙ୍କ ପରିବାରକୁ ମଧୁବାବୁ ପେନସନ ପ୍ରଦାନ

କୋକସରା, ୧୦।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକରେ କରୋନା ଆକ୍ରାନ୍ତ ହୋଇ ସରକାରୀ ଭାବେ ମୃତ ୫ଜଣଙ୍କ ପରିବାର ସଦସ୍ୟଙ୍କୁ ବୁଧବାର ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ପରିବାର ସଦସ୍ୟଙ୍କୁ ଭତ୍ତା ବଣ୍ଟନ କରିବା ସହ ସମବେଦନା ଜଣାଇଛନ୍ତି । ତାଙ୍କ ସହ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋକସରା ବିଡିଓ ମନୀଷା ଦାସ ଓ ମଧୁବାବୁ ପେନସନକୁ ଶୀଘ୍ର କାର୍ଯ୍ୟକ୍ଷମ କରି କୋକସରା ବ୍ଲକରେ ପ୍ରଥମ ବଣ୍ଟନ କରିବାରେ ଆନ୍ତରିକତା ଦେଖାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଘରେ ପଶିଲା ବର୍ଷା ପାଣି

ବଲାଙ୍ଗୀର ଅଫିସ, ୧୦।୬



ମାଳପଡା ଛକରେ ମ୍ୟୁନିସିପାଲିଟି ଇଓ ବିପିନ ବିହାରୀ ଦୀପ ଡ୍ରେନ୍ ସ୍ଥିତି ତଦାରଖ କରୁଛନ୍ତି।

**ବଲାଙ୍ଗୀର ସହରରେ ଡ୍ରେନ୍ ଅବ୍ୟବସ୍ଥା**
- ପ୍ରଭାବିତ ଅଞ୍ଚଳ ବୁଲିଲେ ନିର୍ବାହୀ ଅଧିକାରୀ
- ଯୁଦ୍ଧକାଳୀନ ଭିତ୍ତିରେ ହେବ ଡ୍ରେନ୍ ପୁନରୁଦ୍ଧାର କାର୍ଯ୍ୟ

ବଲାଙ୍ଗୀର ସହରରେ ବୁଧବାର ରାତିରେ ପ୍ରାୟ ୩ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ସହରର କିଛି ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ମାଳପଡା, ତେଲିଗୋଠପଡା, ପେଲେସଲାଇନ୍, ଠିକାଦାରପଡା, ବରପାଲିପଡାରେ ଅନେକଙ୍କ ଘର ଭିତରକୁ ବର୍ଷା ପାଣି ପଶିଯାଇଥିଲା। ସହରରେ ଡ୍ରେନ୍ ଅବ୍ୟବସ୍ଥା ନେଇ ଏଭଳି ସମସ୍ୟା ଦେଖାଯାଇଥିବା ଲୋକେ କହିଛନ୍ତି। ଯୋଜନାବିହୀନ ଡ୍ରେନ୍ ନିର୍ମାଣ, ଜବରଦଖଲ ସମସ୍ୟା ଓ ଅଧାପନ୍ତରିଆ ଡ୍ରେନ୍ କାମ ଯୋଗୁଁ ସହରରେ ଅନେକ ସମୟରେ କୃତ୍ରିମ ବନ୍ୟା ଦେଖାଯାଉଛି। ବୁଧବାର ରାତିର ବର୍ଷା ପରେ ରେଲୱେ ଷ୍ଟେଶନ୍ ରାସ୍ତାରୁ ମାଳପଡା ଭିତରକୁ ଯାଇଥିବା ରାସ୍ତା ଡ୍ରେନ୍‌ରେ ପରିଣତ ହୋଇଯାଇଥିଲା। ଏହି ରାସ୍ତାର ଡାହାଣ ପଟରେ ଏକ ଡ୍ରେନ୍ ରହିଥିଲା। ଉକ୍ତ ଡ୍ରେନ୍‌କୁ ପୋତିଦେଇ ଜଣେ ବ୍ୟକ୍ତି ସେଠାରେ ଘର ତିଆରି କରିଛନ୍ତି। ପାଖପଡୋଶୀ ଲୋକେ କହିଲେ ସେ ତାଙ୍କର ରୟତି ଜମିରେ ଘର ତିଆରିଛନ୍ତି ବୋଲି କହୁଛନ୍ତି। ତେବେ ସେଠାରେ ପୂର୍ବରୁ ଏକ ଡ୍ରେନ୍ ରହିଥିଲା। ଏବେ ସେଠାରେ ଡ୍ରେନ୍ ନାହିଁ। ପ୍ରବଳ ବର୍ଷା ଫଳରେ ମାଳପଡାର ଶରତ କୁମାର ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଆଖପାଖ ଲୋକଙ୍କ ଘର ଭିତରକୁ ପାଣି ପଶିଯାଇଥିଲା। ଡା ସତ୍ୟନାରାୟଣ ସାହୁଙ୍କ ଘର ସମ୍ମୁଖ ଡ୍ରେନ୍ ଉପର ସ୍ଲାବ୍ ନଥିବାରୁ ଏହି ରାସ୍ତା ବିପଦଶଙ୍କୁଳ ହୋଇପଡିଛି। ପ୍ରତିବର୍ଷ ସାମାନ୍ୟ ବର୍ଷା ହେଲେ ଏଠାରେ ପାଣି ଜମା ହୋଇ ରାସ୍ତା ଉପରେ ଛୁଟୁଛି। ଗୁରୁବାର ସକାଳେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ବର୍ଷାଜଳ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ପଡାବାସୀ ସେମାନଙ୍କର ଦୁଃଖ ଜଣାଇଥିଲେ। ତୁରନ୍ତ ବିଧିବଦ୍ଧ ପଦକ୍ଷେପ ଗ୍ରହଣ ନକଲେ ଆଗକୁ ବର୍ଷାଦିନରେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଜଣାଇଥିଲେ। ଏଦିଗରେ ମ୍ୟୁନିସିପାଲିଟି ତରଫରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଦୀପ ପ୍ରତିଶ୍ରୁତି ଦେଇଥିଲେ।

# ସହଲା ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

ସୋନପୁର,୧୦।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ପ୍ୟାକ୍ସ ସମ୍ପାଦକ ତଥା ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ନିତାଇ ଚରଣ ପଣ୍ଡାଙ୍କୁ ନିଲମ୍ବନ କରାଯାଇଛି। ସୋନପୁର ଏଆରସିଏସ(ସହକାରୀ ନିବନ୍ଧକ ସମବାୟ ସମିତି) ପାଣ୍ଡୁ ଚରଣ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସହଲା ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ର ପ୍ରଶାସକ ଅକ୍ଷୟ କୁମାର ମେହେର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପଣ୍ଡାଙ୍କ ସ୍ଥାନରେ ସହଲା ପ୍ୟାକ୍ସର ଅତିରିକ୍ତ ସମ୍ପାଦକ ପ୍ରବୀର ପ୍ରଧାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ଯୋଗାଣ ନିରୀକ୍ଷକ ଜଗନ୍ନାଥ ଭୋଇ, ଡୁଙ୍ଗୁରିପାଲି ଓ ଭାଟବାହାଲି ରାଜସ୍ୱ ନିରୀକ୍ଷକ ପ୍ରମୁଖ ସହଲା ପ୍ୟାକ୍ସରେ କାଗଜପତ୍ର ତନଖି କରିଥିଲେ। ଚାଷୀଙ୍କ ଧାନ ଆଗମନ ଖାତା ଓ ମଣ୍ଡିରେ ଥିବା ଧାନ ତନଖି ସମୟରେ ମେଳ ହୋଇନଥିଲା। ଆଗମନ ଖାତାରେ ୧୨ହଜାର ୬୩୬ ବସ୍ତା ଧାନ ଲେଖା ଯାଇଥିଲା ବେଳେ ତନଖି ସମୟରେ ୧୧୭ ବସ୍ତା ଅଧିକ ଥିଲା। ମିଳିତ ତଦନ୍ତ ରିପୋର୍ଟ କ୍ରମେ ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତ ରବି ଋତୁ ଧାନ କିଣାରେ ଏ ପର୍ଯ୍ୟନ୍ତ ଜିଲାର ୨ଜଣ ପ୍ୟାକ୍ସ ସମ୍ପାଦକ ନିଲମ୍ବନ ହେଲେଣି। ସେହିପରି ଖରିଫ୍‌ରେ ୫ ଜଣ ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା। ଜିଲା ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ପ୍ୟାକ୍ସ ସମ୍ପାଦକଙ୍କ ମଧ୍ୟରେ ଛନକା ପଶିଛି । କିଛି ସମ୍ପାଦକ କୋଭିଡ୍ ସଂକ୍ରମିତ ହୋଇଥିବା ଆଳରେ ଛୁଟି ନେଉଥିବା ଆଲୋଚନା ହେଉଛି ।

# ୯ ମାସ ହେବ ପଡ଼ିରହିଛି ଜେନେରେଟର୍




ସୁନାବେଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ପଡ଼ି ରହିଛି ଜେନେରେଟର୍।

ନୂଆପଡ଼ା ଅଫିସ,୧୦।୬

**ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ର**

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଦୁଇଗୋଟି ଗ୍ରାମପଞ୍ଚାୟତ ରହିଛି। ସୁନାବେଡା ଓ ସୋସେଙ୍ଗ ଏହି ଦୁଇ ପଞ୍ଚାୟତରେ ଛୋଟବଡ ମୋଟ ୫୨ଟି ଗାଁ ରହିଛି। ଏହି ଦୁଇ ପଞ୍ଚାୟତରେ ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ସୁନାବେଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମସ୍ତେ ନିର୍ଭର କରିଥାନ୍ତି। ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଏବଂ ପବନ ଯୋଗୁ ଅଧିକାଂଶ ସମୟ ବିଦ୍ୟୁତ୍ ସରବରାହ ବନ୍ଦ ରହିଥାଏ। ଏଥିପାଇଁ ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସୁବିଧା ନିମନ୍ତେ ଏକ ଜେନେରେଟର୍ ଯୋଗାଇ ଦିଆଯାଇଛି। ଜେନେରେଟର୍ ଦୀର୍ଘ ୯ ମାସ ହେବ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ପଡିରହିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗର୍ଭବତୀଙ୍କ ପ୍ରସୂତୀ ବେଳେ ଅନେକ ସମସ୍ୟା ଦେଖାଯାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାମାନେ ଆସି ପ୍ରସୂତୀ କରିଥିବାରୁ ଗତ ମାସଠାରୁ ପ୍ରସୂତୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଦିମ ଜନଜାତି ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହା ଏକ ଶୁଭ ଶଙ୍କେତ ଅଟେ। ଏହା ଦ୍ୱାରା ମା' ଓ ନବଜାତଙ୍କ ଜୀବନ ସୁରକ୍ଷିତ ଅଟେ। କିନ୍ତୁ ଜେନେରେଟର୍ ଖଞ୍ଜା ନ ହେବାରୁ ରାତ୍ରିରେ ପ୍ରସୂତୀ ପାଇଁ ଡିବିରି କିମ୍ବା ଅନ୍ୟ ଉପାୟରେ କାମ କରୁଛନ୍ତି। ଦୀର୍ଘ ୯ ମାସରୁ ସୁବିଧା ଥାଇ ମଧ ବ୍ୟବହାର ହୋଇ ପାରୁନାହିଁ। ଏହିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଏଜେଣ୍ଟଙ୍କ ମର୍ଜିରେ ଉଠୁଛି ଧାନ

ଜୁନାଗଡ, ୧୦।୬ (ଡି.ଏନ.ଏ.)



ତହସିଲଦାରଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

**ନକଟିଗୁଡା ମଣ୍ଡି**
- ଚିହ୍ନା ଲୋକଙ୍କ ଧାନ ପ୍ରଥମେ କିଣା ହେଉଛି
- ନୀରବଦ୍ରଷ୍ଟା ଧାନ କ୍ରୟ ଅଧିକାରୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ମଣ୍ଡିରେ ମିଲର୍ସଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟଙ୍କ ରାଜ ଚାଲିଛି। ମିଲର୍ସ ଏଜେଣ୍ଟଙ୍କ ମର୍ଜିରେ ଏଠାରେ ଧାନ ଉଠୁଥିବାବେଳେ ଧାନ କ୍ରୟ ଅଧିକାରୀ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଏପରି ଘଟଣା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ନକଟିଗୁଡା ମଣ୍ଡିରେ କିଛି ମିଲର୍ସ ଏଜେଣ୍ଟ ତାଙ୍କ ଚିହ୍ନା ଲୋକଙ୍କ ଧାନ ପ୍ରଥମେ ଉଠାଉଥିବା ବେଳେ ଅନ୍ୟ ଅଞ୍ଚଳର ଧାନ ମଧ ମଣ୍ଡିରେ ବିକ୍ରି ହେଉଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ସେହିପରି ଆଗ ତାରିଖର ଧାନ ପ୍ରଥମେ ଉଠୁଥିବାବେଳେ ପଛ ତାରିଖର ରହିଯାଉଥିବା ଜଣାପଡିଛି। ମିଲର୍ସ ଏଜେଣ୍ଟଙ୍କ ସହାୟତାରେ ଅନ୍ୟ ଅଞ୍ଚଳର ଧାନ ବିକ୍ରି କରିବା ପାଇଁ ଏକ ପିକଅପ୍ ଭ୍ୟାନରେ ମଣ୍ଡିକୁ ଆଣୁଥିବାବେଳେ ସ୍ଥାନୀୟ ଚାଷୀଙ୍କୁ ଏହାକୁ ଧରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ସ୍ୱାଭାବିକ ହୋଇଥିଲା। ନକଟିଗୁଡା ମଣ୍ଡିରେ ବୁଧବାର ସୁଦ୍ଧା ୨୫୫ଜଣ ଚାଷୀଙ୍କ ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଏହି ମଣ୍ଡିରେ ଧାନ କିଣିବା ପାଇଁ ଛୋରିଆଗଡର ମା' ଲଙ୍କେଶ୍ୱରୀ ରାଇସ୍ ମିଲ, କେସିଙ୍ଗାର ଅର୍ଣ୍ଣପୂର୍ଣ୍ଣା ରାଇସ୍ ମିଲ, ମଦନ ଫୁଡ୍ ରାଇସ୍ ମିଲ୍, ନର୍ଲାର କହ୍ନୟା ଏଗ୍ରୋ, ମହିଭରର ଜୟ ଭବାନୀ ରାଇସ ମିଲକୁ ନିୟୋଜିତ କରାଯାଇଛି।

### ମନ୍ତ୍ରୀଙ୍କ ହସ୍ତକ୍ଷେପ: ଟୋକନ କଟିଥିବା ଚାଷୀ ପୁଣି ଧାନ ବିକିଲେ

ଜୁନାଗଡ, ୧୦।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟେଗୁଡା ମଣ୍ଡିରେ ବୁଧବାର ୬ଜଣ ଚାଷୀଙ୍କ ଟୋକନ ହଠାତ୍ କଟିଯାଇଥିଲା। ଯାହାକୁ ନେଇ ଉକ୍ତ ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଥିଲା। ଚିଟେଗୁଡା ସରପଞ୍ଚ ସୁଧିରା ମେହେରଙ୍କ ନେତୃତ୍ୱରେ ରାତିରେ ଏହି ଚାଷୀମାନେ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ସାକ୍ଷାତ କରି ସମସ୍ୟା ବିଷୟରେ ଜଣାଇଥିଲେ। ଏହାପରେ ମନ୍ତ୍ରୀ ମିଶ୍ରଙ୍କ ହସ୍ତକ୍ଷେପ ପରେ ବିଳମ୍ବିତ ରାତିରେ ହିଁ ସମସ୍ତଙ୍କ ଟୋକନ ପୁଣି ଥରେ ଫେରିଆସିଥିବା ଜଣାପଡିଥିଲା। ଗୁରୁବାର ଏହି ଚାଷୀମାନେ ଧାନ ବିକ୍ରି କରି ଖୁସିରେ ଘରକୁ ଫେରିଛନ୍ତି। ଏହା ପରେ ସ୍ଥାନୀୟ ଚାଷୀମାନେ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଶାଖା ପରିଚାଳକ ପଦବୀ ଖାଲି ପଡ଼ିଛି, କାର୍ଯ୍ୟ ବାଧାପ୍ରାପ୍ତ

ଲୋଇସିଂହା, ୧୦।୬(ଡି.ଏନ.ଏ.)

**ଭାଲିଆମୁଣ୍ଡା ୟୁଜିବି**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି) ଶାଖା ପରିଚାଳକ ପଦବୀ ଗତ ଏକ ମାସ ହେଲା ଖାଲି ପଡିଛି। ଏଥିଯୋଗୁ ଉପଭୋକ୍ତାମାନେ ବ୍ୟାଙ୍କ କାରବାରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପଦ୍ମନାଭ ପଟେଲ ଶାଖା ପରିଚାଳକଭାବେ କାର୍ଯ୍ୟ କରୁଥିଲେ। ଗତ ଏପ୍ରିଲ ୧୦ତାରିଖରେ ସେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଚିକିତ୍ସାଧୀନ ସମୟରେ ଗତ ମେ' ୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ଶାଖା ପରିଚାଳକ ପଦବୀ ଖାଲିପଡିଛି। ଏଠାରେ ୪ଜଣ କର୍ମଚାରୀଙ୍କ ଆବଶ୍ୟକସ୍ଥଳେ ଦୁଇଜଣ ଅଛନ୍ତି। ଶାଖା ପରିଚାଳକ ନ ଥିବାରୁ ଜମା ଓ ଉଠାଣ ବ୍ୟତୀତ ଅନ୍ୟାନ୍ୟ କାମ ସବୁ ବନ୍ଦ ପଡିଛି । ମାଇନର ଆକାଉଣ୍ଟ, କେସିସି ରିନ୍ୟୁଆଲ ପାଇଁ ବ୍ୟାଙ୍କକୁ ଆସି ଉପଭୋକ୍ତାଙ୍କୁ ହଟହଟା ହେବାକୁ ପଡୁଛି। ଏହାବାଦ ଆକାଉଣ୍ଟାଣ୍ଟ ପଦବୀରେ ମଧ୍ୟ ଦୀର୍ଘ ବର୍ଷ ହେଲା ନିଯୁକ୍ତି ଦିଆଯାଉନାହିଁ। ଏଥିପ୍ରତି ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ ମିଶ୍ର, ଜଗନ୍ନାଥ ମିଶ୍ରଙ୍କ ସମେତ ବହୁ ଉପଭୋକ୍ତା ଦାବି କରିଛନ୍ତି।

# ମେଗା କୋଭିଡ୍ ଟିକାକରଣ

ଲୋଇସିଂହା, ୧୦।୬(ଡି.ଏନ.ଏ.)

ଆଗଲପୁର ବ୍ଲକ ନଅଗାଁ(ଖ)ପଞ୍ଚାୟତ ପରିସରରେ ମେଗା କୋଭିଡ୍ ଟିକାକରଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଅଧୀନ ନଅଗାଁ, ଦାଶପାଲି, ସନଟିକା ଓ ତେନ୍ତୁଳିଖୁଣ୍ଟି ଗ୍ରାମର ୪୫ବର୍ଷରୁ ଊର୍ଦ୍ଧ୍ୱ ୩୮୧ ମହିଳା ପୁରୁଷ ଟିକା ନେଇଥିଲେ। ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ମେଗା ଟିକାକରଣ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଗାଁ କଲ୍ୟାଣ ସମିତି ଓ ପଲ୍ଲୀ ଆଲୋକ ପାଠାଗାର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଟିକା କେନ୍ଦ୍ରରେ ବିଧାୟକ ମୁକେଶ ମହାଲିଙ୍ଗ, ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ହିମାଂଶୁ ମିଶ୍ର, ପ୍ରଶାନ୍ତ ନାୟକ, ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ପ୍ରବୀର ମେହେର ଉପସ୍ଥିତ ଥିଲେ।

# ବାହାରିଲା କୋଭିଡ୍ ସଚେତନତା ରଥ

ଖଡ଼ିଆଳ, ୧୦।୬ (ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରୁ ବାହାରିଲା କୋଭିଡ୍ ସଚେତନ ରଥ। ଏହି ରଥ ଖଡ଼ିଆଳ ବ୍ଲକ ସମସ୍ତ ଗ୍ରାମ ପରିକ୍ରମା କରିବ। ଲୋକଙ୍କୁ ସଚେତନ ଏବଂ ସତର୍କତା ଅବଲମ୍ବନ କରିବା ସହ କୋଭିଡ୍ ନିୟମ ପାଳନ ଲାଗି ଆଗେଇ ଆସିବାକୁ ଆହ୍ୱାନ କରିବ। ଏହି ସଚେତନ ରଥକୁ ଗୁରୁବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହା ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ବୁଲି ଲୋକମାନଙ୍କୁ ସଚେତନ କରିବ। ଏହି ସମୟରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଅମୂଲ୍ୟ ମୁଣ୍ଡ, ବରିଷ୍ଠ କିରାଣି ରଞ୍ଜନ ଛତ୍ରିଆ, ହରି ସିଂ ରାଜପୁର, ପଞ୍ଚାୟତ ସମିତି ସଂଘ ସଭାପତି କୈଳାଶ ତାଣ୍ଡି, ଜିଲା କଳାକାର ସଂଘ ସଦସ୍ୟ ଅର୍ଜୁନ ଛତ୍ରିଆ, ରାଧେଶ୍ୟାମ ବିଶି, ଅମର ବିଳାସ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।




ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ କୋଭିଡ୍ ସଚେତନ ରଥ ଉଦ୍‌ଘାଟନ କରାଯାଉଛି।

# ଲକ୍‌ଡାଉନ ବଦଳାଇ ଦେଲା ସ୍କୁଲ ପରିବେଶ

ଟିଟିଲାଗଡ଼, ୧୦।୬(ଡି.ଏନ.ଏ.)



ବିନକେଲା ସରକାରୀ ଉଚ୍ଚ ବିଦ୍ୟାଳୟ ବଗିଚା ।

- ଫୁଲଫଳ, ଔଷଧୀୟ ବୃକ୍ଷରେ ହସୁଛି ସ୍କୁଲ ପରିସର
- ଉଦାହରଣ ସୃଷ୍ଟି କଲେ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକର ବିନେକେଲା ସରକାରୀ ଉଚ୍ଚ ବିଦ୍ୟାଳୟ। ୧୯୯୩ରେ ସ୍ଥାପିତ ଏହି ବିଦ୍ୟାଳୟରେ ଏବେ ନବମ ଓ ଦଶମ ଶ୍ରେଣୀ ରହିଛି। ଏହି ଦୁଇ ଶ୍ରେଣୀରେ ୨ଶହ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ଅଛନ୍ତି ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ପାଠପଢା ସହିତ ଏହି ସ୍କୁଲ ଆଜି ଭିନ୍ନ ଉଦାହରଣ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନ ପରିସର ଫୁଲଫଳ ଓ ଔଷଧୀୟ ବୃକ୍ଷରେ ପୂରି ଉଠିଛି। ବଦଳି ଯାଇଛି ସ୍କୁଲ ପରିବେଶ। ରାଧାଚୂଡା, କୃଷ୍ଣଚୂଡା, କଦମ୍ବ, ଦେବଦାରୁ, କାମିନୀ, ଟଗର, ଜୁଇ, ଜାଇ, କନିଅର, ସୁଗନ୍ଧରାଜ, ଅପରାଜିତା ଆଦି ଫୁଲ ଗଛ ସ୍କୁଲର ଶୋଭାବର୍ଦ୍ଧନ କରୁଛି। ନିମ୍ବ, ତେଜପତ୍ର, ଅଁଳା, ବେଲ, କରଞ୍ଜ ସାଙ୍ଗକୁ ଭଳିକି ଭଳି ଆମ୍ବଗଛ ସୃଷ୍ଟି କରିଛି ସୁନ୍ଦର ପରିବେଶ। ଏସବୁ ସହ ବଗିଚାରେ ଥିବା ଏରିକପାସ ଗଛ ସ୍କୁଲର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଛି। ଏହି ବଗିଚା ଦାୟିତ୍ୱରେ ସହକାରୀ ଶିକ୍ଷକ ବିଘ୍ନରାଜ ସାହୁ ରହିଛନ୍ତି। ତାଙ୍କୁ ବଗିଚା ରକ୍ଷଣାବେକ୍ଷଣରେ ଅନ୍ୟ ଶିକ୍ଷୟିତ୍ରୀ ବିଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରୁଛନ୍ତି। ଏପରିକି ଛୁଟିଦିନମାନଙ୍କରେ ବି ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲ ଆସି ବଗିଚାର ଦେଖାରଖା କରନ୍ତି। ବିଶେଷକରି କରୋନା ମହାମାରୀଜନିତ ଲକ୍‌ଡାଉନ ବେଳେ ସେମାନେ ପୂର୍ଣ୍ଣଭାବରେ ବଗିଚାକୁ ଗଢି ତୋଳିବାରେ ଲାଗି ପଡିଛନ୍ତି। ବିଦ୍ୟାଳୟ ପରିସରରେ ଥିବା ବୋର୍‌ୱେଲ୍ ପାଣି ବଗିଚାରେ ଦିଆଯାଇଥାଏ। ବିଦ୍ୟାଳୟ ଚାରିପଟେ ପାଚେରି ଥିବାରୁ ବଗିଚା ସୁରକ୍ଷିତ ରହିଛି। ପ୍ରଧାନଶିକ୍ଷକ ସୁରୁପ୍ରତାପ ପୁରୋହିତଙ୍କ କହିବାନୁସାରେ ସ୍କୁଲର ୨.୫ଏକର ଜମି ରହିଛି। ସେଥିରୁ ପ୍ରାୟ ଦେଢ ଏକର ଜମି ସେମିତି ପଡି ରହିଥିଲା। ଏହି ଜମିରେ ଫଳ ଓ ଫୁଲଗଛ ଲଗାଇବାକୁ ସ୍ଥିର କରିଥିଲୁ। ଆଜି ଏକ ସୁନ୍ଦର ବଗିଚା ପ୍ରସ୍ତୁତ କରିବାରେ ସଫଳ ହୋଇଛୁ। ସ୍ଥାନୀୟ ଗ୍ରାମବାସୀ, ଶିକ୍ଷା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହଯୋଗରୁ ଏହା ସମ୍ଭବ ହୋଇପାରିଛି। ପାଠପଢା ସହିତ ପରିବେଶ ସୁରକ୍ଷା ନେଇ ବିନେକେଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।